
ଧରିତ୍ରୀ
DHARITRI

January 5-11, 2025 ₹ 2/-

# ଛୁଟିଦିନ



ଦୃଷ୍ଟି ଆଢୁଆଳରେ

## ଅପରୂପା ବେଳାଭୂମି

ବେଳାଭୂମିର ଆକର୍ଷଣ ସବୁବେଳେ ପର୍ଯ୍ୟଟକଙ୍କୁ ମତୁଆଲା କରିଆସିଛି, ଯେଉଁଥିରୁ ବାଦ୍ ଯାଇନି ଓଡ଼ିଶାର ବେଳାଭୂମି। ତେବେ ଏଠାରେ ଥିବା ଚର୍ଚ୍ଚିତ ବେଳାଭୂମି ବ୍ୟତୀତ ଆହୁରି କେତେକ ବେଳାଭୂମି ରହିଛି, ଯାହା ମାନ୍ୟତା ପାଇ ନ ଥିଲେ ମଧ୍ୟ ପର୍ଯ୍ୟଟକଙ୍କ ପ୍ରିୟ ହୋଇପାରିଛି ...

ପ୍ରଚ୍ଛଦ ପ୍ରସଙ୍ଗ

୩

# କରଜରୁ ମୁକ୍ତି ପାଇଁ...

**ଅସୁବିଧାରେ ପଡ଼ିଲେ ମଣିଷ ବାଧ ହୁଏ କରଜ କରିବାକୁ। ଆଉ ଠିକ୍ ସମୟରେ ଶୁଝିଦେଲେ ମନକୁ ଶାନ୍ତି ମିଳେ। କିନ୍ତୁ ବେଳେବେଳେ ଦେଖାଯାଏ, ଯେତେ ଚାହିଁଲେ ବି କିଛି ନା କିଛି ସମସ୍ୟା ଆସି ସୁଝି ହୁଏନା। ଏଥିପାଇଁ ବାସ୍ତୁରେ ରହିଛି କିଛିଟା ପ୍ରତିକାର...**

✲ ଉତ୍ତର ଦିଗକୁ ପ୍ରଭୁ କୁବେରଙ୍କ ଦିଗ ବୋଲି କୁହାଯାଏ। ଏହି ଦିଗରେ ଟ୍ରେଜେରି ବା ଟଙ୍କାପଇସା ରଖାଯାଉଥିବା ଆଲମାରୀ ରଖିଲେ ଆର୍ଥିକ ଅଭିବୃଦ୍ଧି ହେବା ସହ କରଜ ଶୁଝିବାର କ୍ଷମତା ବଢ଼ିଥାଏ ବୋଲି ବିଶ୍ୱାସ ରହିଛି।



✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର ଦିଗକୁ ଶୁଭ ଉର୍ଜାର କେନ୍ଦ୍ର ବୋଲି କୁହାଯାଏ। ଏହି ଦିଗରେ ମାତା ଲକ୍ଷ୍ମୀ ଓ ଭଗବାନ କୁବେରଙ୍କ ମୂର୍ତ୍ତି କିମ୍ବା ଫଟୋ ରଖି ନିଷ୍ଠାର ସହ ପ୍ରତିଦିନ ତାଙ୍କୁ ପୂଜାକଲେ, ଧନପ୍ରାପ୍ତି ହେବା ସହ ପରିବାରରେ ଶାନ୍ତି ବଢ଼ିଥାଏ। ତା'ସହ ଶୀଘ୍ର କରଜ ଶୁଝିବାର ଉପାୟ ବି ମିଳିଥାଏ।

✲ ପ୍ରତି ଶନିବାର ସକାଳୁ ଶୁଦ୍ଧପୂତ ହୋଇ ଅଶ୍ୱତ୍ଥ ବୃକ୍ଷ ମୂଳରେ ଦୀପ ଜାଳିବା ସହ ବୃକ୍ଷର ପରିକ୍ରମାକରି ଶୀଘ୍ର କେମିତି କରଜମୁକ୍ତି ହେବେ ସେଥିପାଇଁ ପ୍ରାର୍ଥନା କଲେ, ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି।

✲ କରଜ ଶୁଝିବା ପାଇଁ ମଙ୍ଗଳବାରକୁ ଶୁଭବାର ବୋଲି କୁହାଯାଏ। କାରଣ ଏହି ବାର ସଙ୍କଟମୋଚନ ପ୍ରଭୁ ହନୁମାନଙ୍କୁ ସମର୍ପିତ। ତେଣୁ ଏହିଦିନ ଯାହାଠାରୁ କରଜ ଆଣିଥିବେ, ତାଙ୍କୁ ଶୁଝିଦେଲେ ଆର୍ଥିକ ସ୍ଥିତି କ୍ରମେ ସୁଧୁରିଯାଏ ବୋଲି ଲୋକବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୫-୧୧

**ମେଷ**

ଶାରୀରିକ ସୁସ୍ଥତା, ନୂତନ ଯୋଜନାରମ୍ଭ, କର୍ମଜଞ୍ଜାଳ ବୃଦ୍ଧି, ଦୂରଯାତ୍ରା, ପାରିବାରିକ ସମସ୍ୟା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଭ୍ରମଣ ଜନିତ କ୍ଲାନ୍ତି, ଭ୍ରାତୃସମ୍ପର୍କ ହ୍ରାସ, ସହକର୍ମୀଙ୍କ ସହଯୋଗ, କଳାସାହିତ୍ୟରୁ ପ୍ରଶଂସା ।।

**ବୃଷ**

କର୍ମକ୍ଷେତ୍ରରେ ସମସ୍ୟା, ବୈଷୟିକ ଅଭିବୃଦ୍ଧି, ପାରିବାରିକ ମତାନ୍ତର, ଭାବପ୍ରବଣତାରୁ ମନସ୍ତାପ, ବାଣିଜ୍ୟରେ ପ୍ରତିବନ୍ଧକ, ପଦୋନ୍ନତିର ସୂଚନା, ଚଳଚ୍ଚିତ୍ରରେ ସମସ୍ୟା, ବିବାଦୀୟ ପରିସ୍ଥିତି, ନୂତନ ବନ୍ଧୁ ସମ୍ପର୍କ, ରୋଗପୀଡ଼ା ହ୍ରାସ, ସାଂସ୍କୃତିକ କାର୍ଯ୍ୟକ୍ରମ ।।

**ମିଥୁନ**

ପାରିବାରିକ ଶାନ୍ତି, ବନ୍ଧୁଙ୍କ ସହାନୁଭୂତି, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ସନ୍ତାନଙ୍କ କୃତିତ୍ୱ, ସତ୍‌ସଙ୍ଗର ସାନ୍ନିଧ୍ୟ, ଜମିଜମା କାରବାର, ଆନୁଷ୍ଠାନିକ କାର୍ଯ୍ୟକ୍ରମ, ବ୍ୟବସାୟିକ ସଫଳତା, କଳାସାହିତ୍ୟର ଆଦର ।।

**କର୍କଟ**

ବିବାଦର ସମାଧାନ, ଅର୍ଥସଙ୍କଟରୁ କାର୍ଯ୍ୟହାନୀ, ଭ୍ରାତୃ ସମ୍ପର୍କରେ ଉନ୍ନତି, ମିଥ୍ୟା ଗୁଜବରୁ ମନସ୍ତାପ, ମାଲିମକଦ୍ଦମାରେ ବିଜୟ, ପଡୋଶୀଙ୍କ ପ୍ରତାରଣା, ଧର୍ମକାର୍ଯ୍ୟରେ ସହଯୋଗ, ସ୍ଥାନାନ୍ତର ଚିନ୍ତା ।।

**ସିଂହ**

ବନ୍ଧୁଙ୍କ ସହ ଆଲୋଚନା, ମନୋରଞ୍ଜନରେ ଆଗ୍ରହ, ସାଂସ୍କୃତିକ କ୍ଷେତ୍ରରୁ ସମ୍ମାନ, ଋଣ ପରିଶୋଧ କରିବେ, ନୂତନ ନିଯୁକ୍ତିର ସୁଯୋଗ, ଜମିଜମା କ୍ରୟବିକ୍ରୟ, ଜମାରାଶି ପାଇବେ, କ୍ରୀଡ଼ାଚଳଚ୍ଚିତ୍ରରୁ ସମ୍ମାନ ।।

**କନ୍ୟା**

ମାଙ୍ଗଳିକ କାର୍ଯ୍ୟର ଯୋଜନା, ଆର୍ଥିକ ଅନଟନ, ସ୍ଥଗିତ କର୍ମାରମ୍ଭ, ଦୁଃସାହସିକ ପଦକ୍ଷେପ, ବିଭିନ୍ନ ସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି, ଶିଳ୍ପବାଣିଜ୍ୟରେ ଉନ୍ନତି, ରଚନାତ୍ମକ କାମରୁ ପ୍ରଶଂସା, ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ ।।

**ତୁଳା**

ପଦାଧିକାରୀଙ୍କ ସାନ୍ନିଧ୍ୟ, ସାହାଯ୍ୟର ପ୍ରତିଶ୍ରୁତି, ବନ୍ଧୁମିଳନର ଯୋଜନା, ଧାର କରଜ କରିପାରନ୍ତି, ଯାନବାହନରେ ତ୍ରୁଟି, ପରିବହନରେ ଉନ୍ନତି, ଅପ୍ରିୟଭାଷଣରୁ ସମ୍ପର୍କହାନୀ, ମିତ୍ରବନ୍ଧୁଙ୍କ ପରାମର୍ଶ, ପିତୃବର୍ଗରେ ପୀଡ଼ା ।।

**ବିଛା**

ମାନସିକ ଅସ୍ଥିରତା, ଅସହଯୋଗରୁ କାର୍ଯ୍ୟହାନୀ, ଆର୍ଥିକ ଦୁରବସ୍ଥା, ଫଳପ୍ରଦ ଆଲୋଚନା, ସାମାଜିକ ସ୍ତରରେ ପ୍ରତିଷ୍ଠା, ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ, ଗୃହପୋକରଣ କ୍ରୟ କରିବେ, ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ, ନୈରାଶ୍ୟ ଅପସରିଯିବ ।।

**ଧନୁ**

ଆତ୍ମୀୟଙ୍କ ଉଦାରତା, ବନ୍ଧୁମିଳନରୁ ଆନନ୍ଦ, କର୍ମକ୍ଷେତ୍ରରେ ଅବହେଳା, ଉପରିସ୍ଥଙ୍କ ତାଗିଦା, ମାନସିକ ଦୁଶ୍ଚିନ୍ତା, ସଭାସମିତିରେ ସଫଳତା, ଶତ୍ରୁ ଉପଦ୍ରବ କମିବ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ଯୋଗଶିକ୍ଷାରେ ରୁଚି, ଆତ୍ମୀୟଙ୍କ ସହ ଭ୍ରମଣ ।।

**ମକର**

ପ୍ରଶାସନିକ ଅସ୍ଥିରତା, ସହକର୍ମୀଙ୍କ ମତାନ୍ତର, ନୂତନ ପ୍ରକଳ୍ପାରମ୍ଭ, ପାରିବାରିକ ସହମତି, ଲେଖାପଢ଼ାରେ କୁଶଳ, ନୂତନ ଗୃହାରମ୍ଭ, ସୀମା ବିବାଦର ସମାଧାନ, ପଡୋଶୀଙ୍କ ସୁପରାମର୍ଶ, ଯାନବାହନରେ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ଏଜେନ୍ସିପରୁ ଖୁସି ରହିବେ ।।

**କୁମ୍ଭ**

ଅନୁକୂଳ ପରିବେଶ, ଆନୁସାଙ୍ଗିକ ସହଯୋଗ ପ୍ରାପ୍ତି, ମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ଧର୍ମକାର୍ଯ୍ୟରେ ସମସ୍ୟା, ବାଣିଜ୍ୟର ଅଭିବୃଦ୍ଧି, ତୀର୍ଥାଟନ କରିପାରନ୍ତି, ବୃତ୍ତିଗତ ଧନ୍ଦାରେ ଉନ୍ନତି, ବିଦେଶଯାତ୍ରାର ସୁଯୋଗ, ବ୍ୟବସାୟିକ ସମସ୍ୟା ।।

**ମୀନ**

ମାନବିକତାରୁ ପ୍ରଶଂସା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ମାଙ୍ଗଳିକ କାର୍ଯ୍ୟ ପାଇଁ ତତ୍ପରତା, ପାରିବାରିକ ବୁଝାମଣା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବର ପାଇବେ, ପକ୍ଷପାତିତାରୁ ସମାଲୋଚନା, ପାରିବାରିକ ଶାନ୍ତି, ଶୁଭଖବର ପାଇବେ ।।

# ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତିକୁ କେଉଁଠି ରଖିବେ...

ଲାଫିଙ୍ଗ୍ ବୁଦ୍ଧଙ୍କୁ ଖୁସି ଓ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ। ସେଥିପାଇଁ ଘରେ ତାଙ୍କର ମୂର୍ତ୍ତି ରଖିଲେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବା ସହ ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତିକୁ ଘରେ ଯେଉଁଠି ନାହିଁ ସେଇଠି ରଖିବା ଠିକ୍ ନୁହେଁ। ମାନ୍ୟତା ରହିଛି ଯେ, ଘରର ମୁଖ୍ୟଦ୍ୱାର ସମ୍ମୁଖରେ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖିବା ସବୁଠୁ ଶୁଭ ହୋଇଥାଏ। ଆବଶ୍ୟକ କ୍ଷେତ୍ରରେ ଏହି ମୂର୍ତ୍ତିକୁ ଘରର ପୂର୍ବ ଦିଗରେ ରଖିପାରିବେ, କିନ୍ତୁ ଭୁଲ୍‌ରେ ବି ଦକ୍ଷିଣ ଦିଗରେ ରଖିବେ ନାହିଁ। ସେହିପରି ଏହି ମୂର୍ତ୍ତିକୁ କେବେ ବି ତଳେ ରଖିବେ ନାହିଁ, ଟିକେ ଉଚ୍ଚ ସ୍ଥାନରେ ରଖିବେ। ରୋଷେଇଘର, ପୂଜାଘର, ଡାଇନିଂ ଟେବୁଲ କିମ୍ବା ପାଇଖାନା ଘର ନିକଟରେ ଏହି ମୂର୍ତ୍ତିକୁ ରଖିବା ଆଦୌ ଠିକ୍ ନୁହେଁ। ପିଲାଙ୍କର ପଢ଼ାରେ ମନ ଲଗାଇବା ପାଇଁ ଏହି ମୂର୍ତ୍ତିକୁ ଷ୍ଟଡି ଟେବୁଲ ଉପରେ କିନ୍ତୁ ରଖିପାରିବେ। ସେହିପରି ପତିପତ୍ନୀଙ୍କ ଭିତରେ ସମ୍ପର୍କକୁ ଦୃଢ଼ କରିବା ପାଇଁ ଏହି ମୂର୍ତ୍ତିକୁ ବେଡ୍‌ରୁମ୍‌ରେ ବି ରଖାଯାଇପାରେ। ତେବେ ଧ୍ୟାନ ଦେବେ, ଘରେ କେବେ ବି ୧୨ ଇଞ୍ଚରୁ ଅଧିକ ଉଚ୍ଚର ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ରଖିବେ ନାହିଁ; ନଚେତ୍ ଏହା ଶୁଭଫଳ ପରିବର୍ତ୍ତେ ଅନେକ ସମସ୍ୟା ସୃଷ୍ଟି କରିଥାଏ।



# ପାଠକୀୟ

✲ ପ୍ରବଳ ଶୀତରେ ଥରୁଥିବା ମଣିଷମାନଙ୍କ ଦେହରେ କମ୍ବଳଟେ ଘୋଡ଼େଇ ଦେଇ ତାଙ୍କ ମୁହଁରେ ହସ ଫୁଟାଇ ନିଜେ ଖୁସି ହେଉଥିବା ଏମିତି ଅନେକ ଲୋକ ଅଛନ୍ତି, ଯାହାଙ୍କୁ ପ୍ରକୃତରେ ଶୀତର ସାଥୀ କୁହାଯାଇପାରେ। ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶୀତର ସାଥୀ' ବିଷୟଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'କ୍ରିସ୍‌ମସ୍ ଗିଫ୍ଟ' ଓ 'କ୍ରିସ୍‌ମସ୍ ଟ୍ରିକୁ କେଉଁଠି ରଖିବା ଶୁଭ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

**- ତନୁଜା ଦାଶ, ମୟୂରଭଞ୍ଜ**

✲ ଶୀତରେ ପୌଷ ମାଘ ମାସ ଦେହରେ ରଖ ଶୀତବାସ। କିନ୍ତୁ ଶୀତବାସ ଘୋଡ଼ାଇ ହୋଇ ରହିବାର ଭାଗ୍ୟ ଅନେକଙ୍କର ନ ଥାଏ। ଏମିତି କ୍ଷେତ୍ରରେ କେତେଜଣ ବଦାନ୍ୟ ବ୍ୟକ୍ତି ଶୀତରାତିରେ ବୁଲି ବୁଲି ନିଜ ସାଧ ମତେ ଏହି ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥାନ୍ତି; ଯାହାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶୀତର ସାଥୀ' ବିଷୟଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଲାଇଫଷ୍ଟାଇଲ୍ ପୃଷ୍ଠାରୁ 'କ୍ରିସ୍‌ମସ୍‌ରେ ରେଡ୍ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

**- ବିପିନ ବିହାରୀ ସାମଲ, ରାୟଗଡ଼ା**

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ କଥାଶିଳ୍ପୀ ଡ. ଲାଲାତେନ୍ଦୁ ସାହୁଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କମ୍ବଳ ଦାନ' ଶୀର୍ଷକ ଗପ ଏବଂ 'ବୃଦ୍ଧ' ଓ 'ଜୀବନ' ଶୀର୍ଷକ କବିତା ଦୁଇଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ରକୁଲଙ୍କ ଅସରପା ଉପାଖ୍ୟାନ', 'ଅଢୁଆ କରିଥିଲା ଓଜନ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ନିଆରା ଥିଲା।

**- ଅମରେଶ ବିଶ୍ୱାଳ, ଖୋର୍ଦ୍ଧା**

✲ ଛୁଟିଦିନର ବର୍ଷପୂରାଣୀ ବିଶେଷାଙ୍କ 'ସ୍ମୃତିରେ ୨୦୨୪' ଶୀର୍ଷକ ପାଠଟି ବେଶ୍ ମଜାଦାର ଥିଲା ପଢ଼ିବାକୁ। ସାହିତ୍ୟିକା ତଥା ଶିକ୍ଷାବିତ୍ ଦୀପିକା ଦାଶଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା। ମଡେଲ ମିରର୍‌ରେ ହିତେଶା ଖୁବ୍ ସୁନ୍ଦରୀ ଲାଗୁଥିଲେ।

**- ଜିତୁନି ସାହୁ, ଜଗତ୍‌ସିଂହପୁର**

✲ ସହର ପୃଷ୍ଠାରୁ 'ପରଫେକ୍ଟ କ୍ରିସ୍‌ମସ୍ ଡେଷ୍ଟିନେଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କାହିଁକି ବଡ଼ ଦେଖାଯାଏ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ସୂର୍ଯ୍ୟ' ଶୀର୍ଷକ ପାଠଟି ତଥ୍ୟପୂର୍ଣ୍ଣ ହେବା ସହ ମଜାଦାର ଥିଲା। ବ୍ୟଙ୍ଗପୃଷ୍ଠା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ସମସ୍ତ ପାଠ ଖୁବ୍ ମନଛୁଆଁ ହୋଇଥିଲା।

**- ଧର୍ମେନ୍ଦ୍ର ସୁବୁଦ୍ଧି, ଫୁଲବାଣୀ**

## ବିଶେଷ ଚିଠି



ଶୀତର ସାଥୀକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ବଖାଣୁଥିଲା କାହାଣୀ ସେମିତି।
ତା' ସାଙ୍ଗକୁ ସାଥୀ, ସହର ଓ
ପ୍ରଥମ ରୋଜଗାର
ମନ କିଣି ନେଉଥିଲା ପୁଣି
ତୁମ ସିନେମାର ଖବର।
ହେ ମୋର ପ୍ରିୟ ଛୁଟିଦିନ
ତୁମେ ସବୁଠୁ ସୁନ୍ଦର ଓ ମହାନ୍।

**- ମମତା ମହାନ୍ତି, ବଲାଙ୍ଗୀର**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



## ଦୃଷ୍ଟି ଆଢୁଆଳରେ

# ଅପରୂପା ବେଳାଭୂମି





**ବେଳାଭୂମିର ଆକର୍ଷଣ ସବୁବେଳେ ପର୍ଯ୍ୟଟକଙ୍କୁ ମତୁଆଲା କରିଆସିଛି, ଯେଉଁଥିରୁ ବାଦ୍ ଯାଇନି ଓଡ଼ିଶାର ବେଳାଭୂମି। ତେବେ ଏଠାରେ ଥିବା ଚର୍ଚ୍ଚିତ ବେଳାଭୂମି ବ୍ୟତୀତ ଆହୁରି କେତେକ ବେଳାଭୂମି ରହିଛି, ଯାହା ମାନ୍ୟତା ପାଇ ନ ଥିଲେ ମଧ୍ୟ ପର୍ଯ୍ୟଟକଙ୍କ ପ୍ରିୟ ହୋଇପାରିଛି ...**

ଓଡ଼ିଶାର ବେଳାଭୂମି, ଯାହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ସବୁବେଳେ ନିଜ ଆଡ଼କୁ ଆକର୍ଷିତ କରି ଆସିଛି ତାହା ହେଲା– ପୁରୀ, କୋଣାର୍କ, ଗୋପାଳପୁର, ତାଳସରି, ଚାନ୍ଦିପୁର ଆଦି। ଦେଖିବାକୁଗଲେ ପର୍ଯ୍ୟଟକଙ୍କ ପାଇଁ ବେଳାଭୂମିର ଆକର୍ଷଣ ସବୁବେଳେ ସ୍ୱତନ୍ତ୍ର। ଚର୍ଚ୍ଚିତ ବେଳାଭୂମିକୁ ବାଦ୍ ଦେଲେ ଆହୁରି ଅନେକ ବେଳାଭୂମି ରହିଛି ଯାହାର ଦେଶ ବିଦେଶରେ ବେଶି ପରିଚିତ ନ ଥିଲେ ମଧ୍ୟ ତା'ର ସୌନ୍ଦର୍ଯ୍ୟ ପାଇଁ ଏବେ ଦିନକୁ ଦିନ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି।

**ଦୁବୁଲାଗଡ଼ି ବେଳାଭୂମି–** ଭାରତର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିବା ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ 'ଦୁବୁଲାଗଡ଼ି ବେଳାଭୂମି'। ଏଠାରେ ଘଞ୍ଚ ଝାଉଁ ଜଙ୍ଗଲରୁ ଭାସିଆସିଥିବା ସାଇଁ ସାଇଁ ମଧୁର ତାନ ସହିତ ବଙ୍ଗୋପସାଗରର ଗୁରୁ ଗମ୍ଭୀର ଶବ୍ଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବିସ୍ତୀର୍ଣ୍ଣ ବାଲିଚର, ଅତୀବ ସୁନ୍ଦର ନାଲି କଙ୍କଡ଼ାର ଲୁଚକାଳି ଖେଳ, ଧୀର ଶାନ୍ତ ଜନମନ ଲୋଭା ପରିବେଶ, ସୂର୍ଯ୍ୟଙ୍କର ପ୍ରଥମ ଉଦୟର ଦୃଶ୍ୟ, ଦେବସ୍ଥାନ, ବିଭିନ୍ନ ପ୍ରକାର ଶାମୁକା, ନୀଳରକ୍ତ କଙ୍କଡ଼ା, ଶ୍ୱେତ କଙ୍କଡ଼ା, ବିଶେଷକରି ଅମାବାସ୍ୟା ତିଥିର ରାତ୍ରିକାଳରେ ସମୁଦ୍ରର ଲହରି ସହିତ ରେଡିଏମ୍ ପରି ଚମକୁଥିବା ରାସାୟନିକ ପଦାର୍ଥ ; ଯାହା ମାଳଦ୍ୱୀପ, ମାଲେସିଆ ବ୍ୟତୀତ ଅନ୍ୟ କୌଣସି ବିଚ୍‌ରେ ଦେଖାଯାଏ ନାହିଁ ତାହା ଏହି ଦୁବୁଲାଗଡ଼ି ବିଚ୍‌ରେ ଦେଖାଯାଏ। ଭଟ୍ଟା ସମୟରେ ୨କି. ମି. ପର୍ଯ୍ୟନ୍ତ ପାଣି ନିଖୋଜ ହେବାର ଦୃଶ୍ୟ(ଯାହା ଦୁବୁଲାଗଡ଼ି ଏକ ଇନ୍ ଭିଜିବୁଲ ବିଚ୍ ନାମରେ ପରିଚିତ ହୋଇଛି), ଜୁଆର ପାଣିରେ ବୋଟିଂର ବ୍ୟବସ୍ଥା, ଝାଉଁ ଜଙ୍ଗଲରେ ଭୋଜି କରିବାର ମଜା, ଏକ ପ୍ରକାର ପର୍ଯ୍ୟଟକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛି ଏହି ଦୁବୁଲାଗଡ଼ି ବିଚ୍। ବାର ମାସ ଯାକ ଲୋକମାନଙ୍କର ଗହଳି ଦେଖିବାକୁ ମିଳିଥିବା ବେଳେ ଠିକ୍ ପିକ୍‌ନିକ୍ ଋତୁରେ ନଭେମ୍ବର ମାସରୁ ଫେବୃଆରୀ ଶେଷ ପର୍ଯ୍ୟନ୍ତ ଦେଖିବାକୁ ମିଳେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ। କେହି କେହି ୩/୪ ଦିନ ବିତାଇବା ପାଇଁ ଆସନ୍ତି ତ କିଏ ଦିନକରେ ଭୋଜିଭାତ କରି ଫେରିଯାନ୍ତି। ଏ ସବୁକୁ ଆଖି ଆଗରେ ରଖି ଗଢ଼ି ଉଠିଛି କିଛି ଇକୋ ରିସର୍ଟ ଅବା ନେଚର କ୍ୟାମ୍ପ ଓ ଅସ୍ଥାୟୀ ଦୋକାନ ବଜାର। ଏଠାରେ ପର୍ଯ୍ୟଟକଙ୍କ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା ରହିଛି। ତଥାପି ଏହାକୁ ଏଯାଏ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିନାହିଁ। ସ୍ଥାନୀୟ ମା' ମନସା କମିଟିର ସ୍ୱେଚ୍ଛାସେବୀ ବନ୍ଧୁ ଓ ଦୋକାନୀ ବନ୍ଧୁଙ୍କ ଦ୍ୱାରା ବେଳାଭୂମି ପରିଷ୍କାର, ସଫେଇ କରାଯାଉଅଛି। ପ୍ରତିବର୍ଷର ଜାନୁଆରୀ ପ୍ରଥମ ସପ୍ତାହରେ ଦୁବୁଲାଗଡି ବିଚ ମହୋତ୍ସବ ହୋଇ ଆସୁଥିବା ବେଳେ ଏହାକୁ ଦୁବୁଲାଗଡି ବିଚ ୱନର ଆସୋସିଏଶନ, ସ୍ଥାନୀୟ ଯୁବକ ଏବଂ ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ଦ୍ୱାରା ପରିଚାଳନା କରାଯାଉଅଛି। ବେଳାଭୂମି ବିକାଶ ମଞ୍ଚର ସଂଯୋଜକ ଗୋବିନ୍ଦ ପ୍ରସାଦ ଦାସ, ସରପଞ୍ଚ ପ୍ରବୀର କୁମାର ସାହୁ, ବିଶିଷ୍ଟ ଶିଳ୍ପୀ କେଶୁ ଓ ସମାଜସେବୀ ଗୋପାଳ ମାନବ ଏହି ବେଳାଭୂମିକୁ ସରକାରୀ ସ୍ତରରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାର ପ୍ରୟାସ କରିବା ସହ ଏହାର ଉନ୍ନତି ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

**ପେଣ୍ଠ ବେଳାଭୂମି–** ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ଭିତର କନିକା ନିକଟରେ ରହିଛି ସୁଦୀର୍ଘ ପେଣ୍ଠ ବେଳାଭୂମି। ଏହା କେନ୍ଦ୍ରାପଡ଼ା ଜିଲାର ଶେଷପ୍ରାନ୍ତ ବଙ୍ଗୋପସାଗର ତଟବର୍ତ୍ତୀରେ। ଏହି ବେଳାଭୂମିର ଇତିହାସ କୁହେ ବ୍ରିଟିଶମାନେ ଯେତେବେଳେ ରାଜତ୍ୱ କରୁଥିଲେ ସେମାନେ ଏହି ପେଣ୍ଠଠାରେ ସେମାନଙ୍କ ପଣ୍ୟଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳ କରୁଥିଲେ। ଏଥିଯୋଗୁ ସେବେଠାରୁ ଏହା ଏକ ପେଣ୍ଠ ହୋଇଯାଇଛି। ଲୋକକଥା ଅନୁସାରେ ଅତୀତରେ ଚମ୍ପାଗଡ଼ ଓ କଳ ଦ୍ୱୀପର ରାଜତ୍ୱ ସମୟରେ ଏହି ସାଗର ତଟ ସ୍ଥାନକୁ ସେମାନଙ୍କର ମୁଖ୍ୟ ପେଣ୍ଠସ୍ଥଳ ଥିଲା। ସାଧବ ପୁଅମାନେ ଏହି ପେଣ୍ଠ ବାଟଦେଇ ବେଳାଭୂମି ସଂଲଗ୍ନ ବରୁଣେଇ ମୁହାଣ ବାଟରେ ପାଲଟଣା ବୋଇତରେ ଯାତାୟାତ କରୁଥିଲେ। ଏହି ପେଣ୍ଠରେ ମଧ୍ୟ ଅହିଂସା ଆନ୍ଦୋଳନ ପାଇଁ ଲବଣ ସତ୍ୟାଗ୍ରହ କରାଯାଇଥିଲା। କାଳକ୍ରମେ ସମୁଦ୍ରଗର୍ଭରେ ଲୀନହୋଇଥିବା ସାଧବ ସାତଭାଇଙ୍କ ଗାଁ କୁହାଯାଉଥିବା ସାତଭାୟା ପେଣ୍ଠବେଳାଭୂମିର ଅନତୀ ଦୂରରେ ଅବସ୍ଥିତ। ଏମିତି ଅନେକ କାହାଣୀ ଥିବା ପେଣ୍ଠବେଳାଭୂମିର ଆକର୍ଷଣ ହେଉଛି ସାମୁଦ୍ରିକ କଇଁଚ, ଅଲିଭ ରିଡ୍‌ଲେଙ୍କ ଲୀଳାଖେଳା ସମୁଦ୍ରର ନୀଳ ଜଳରାଶିରେ ଡଲଫିନଙ୍କ →





ଜଳକ୍ରୀଡ଼ା, ରଙ୍ଗବେରଙ୍ଗ ବିଦେଶୀପକ୍ଷୀ ଓ ଇକୋ ରିଟକ ଏବଂ ରଙ୍ଗିନ କଟେଜ । ଏହାଛଡ଼ା ପ୍ରତ୍ୟେକ ଦିନ ଏଠାକୁ ସକାଳେ ଓ ଅପରାହ୍ନ ସମୟରେ ପର୍ଯ୍ୟଟକମାନେ ସମୁଦ୍ର ଲହଡ଼ିରେ ଜଳକ୍ରୀଡ଼ା ମଜା ନେଇଥାନ୍ତି। ସକାଳର ଅନୁପମ ସୂର୍ଯ୍ୟ ଏଠାରେ ପୂରା ନିଆରା ଲାଗେ। ଏହି ସ୍ଥାନକୁ ଆସିବାକୁ ହେଲେ ଭୁବନେଶ୍ୱର ଠାରୁ କଟକ ଦେଇ ବସ୍ ଯୋଗେ କେନ୍ଦ୍ରାପଡ଼ା ତିନିମୁହାଣୀଠାରେ ପହଞ୍ଚିବେ। ଏଠାରୁ ପ୍ରାୟ ୪୦କିମି ଦୂର ସଡ଼କ ରାସ୍ତାରେ ଆସି ରାଜନଗର ପହଞ୍ଚିଲା ପରେ ଏଠାରୁ ମାତ୍ର ୮କିମି ଦୂର ପେଣ୍ଟ ବେଳାଭୂମିକୁ ଆସିହେବ। ଏଥିପାଇଁ ବନବିଭାଗ ଓ ରାଜନଗର ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥାଏ। କିନ୍ତୁ ବେଳାଭୂମିଠାରେ ରାତ୍ରିଯାପନ ପାଇଁ ସେମିତି କୌଣସି ସୁବ୍ୟବସ୍ଥା ହୋଇପାରି ନାହିଁ। କେବଳ ଦିନବେଳା ଏଠାକାର ପ୍ରାକୃତିକ ଶୋଭାକୁ ଉପଭୋଗ କରିବା ସହିତ ଝାଉଁବଣ ଓ ପାଖ ଗାଁରେ ବଣଭୋଜି କରିପାରିବେ।

**ପାରାଦୀପର ବେଳାଭୂମି–** ଜଗତ୍‌ସିଂହପୁର ଜିଲା ପାରାଦୀପର ମହାନଦୀ ମୁହାଣ ସଙ୍ଗମସ୍ଥଳର ବେଳାଭୂମି ଏବେ ପର୍ଯ୍ୟଟକଙ୍କର ଅନ୍ୟତମ ପ୍ରିୟ ସ୍ଥାନ। ପାରାଦୀପର ନେହେରୁବଙ୍ଗଳା ପଥରବନ୍ଧ ଉପରେ କିଛି ସମୟ ବସିଲେ ଏଠାରେ ନୈସର୍ଗିକ ଆନନ୍ଦ ଅନୁଭବ କରିପାରିବେ। ମହାନଦୀର ପଟୁଆ ପାଣି ସମୁଦ୍ର ନୀଳ ପାଣି ସହିତ ମିଶିବା ବେଳେ ତାହା ଦ୍ୱୈତ ରଙ୍ଗର ଦେଖାଯାଏ। ଲାଗେ ସତେ ଯେମିତି ପାଣି ମଧ୍ୟରେ କେହି ଗାର ଟାଣି ସୀମା ନିର୍ଦ୍ଧାରଣ କରୁଛି। ତା' ମଧ୍ୟରେ ସମୁଦ୍ର ଢେଉ ପଥରବନ୍ଧ ସହିତ ମାଡ଼ ହେବା ଯୋଗୁ ସେଥିରେ ପାଣି ଫୁଆରା ସୃଷ୍ଟି ହୋଇଥାଏ ; ଯାହା ଦେଖିବାକୁ ଖୁବ୍ ସୁନ୍ଦର। ବିଶାଳ ମୁହାଣରେ ଢେଉ ଭାଙ୍ଗି ମାଛଧରା ବୋଟ ଯାତାୟାତ କରୁଥିବା ଦୃଶ୍ୟ ସହ ସେହି ମୁହାଣ ନିକଟ ପାଣିରେ ଡଲ୍‌ଫିନ ଓ ମାଛ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳେ। ବିଶେଷକରି ଶୀତଋତୁରେ ଏହା ଅଧିକ ଦେଖିବାକୁ ମିଳେ। ମୁହାଣ ପାଖରେ ରହିଛି ସୁନ୍ଦର ଉଦ୍ୟାନ। ଭୁବନେଶ୍ୱରଠାରୁ ଏହାର ଦୂରତା ୧୨୦ କିମି। କଟକଠାରୁ ରାଜ୍ୟ ରାଜପଥ ଦେଇ ପାରାଦୀପର ଅଠରବାଙ୍କି ପର୍ଯ୍ୟନ୍ତ ଗଲେ ସେଠାରୁ ଏକ ରାସ୍ତା ନେହେରୁବଙ୍ଗଳା ପର୍ଯ୍ୟନ୍ତ ରହିଛି । ସେହିପରି ଚଣ୍ଡିଖୋଲ ପଟୁ ୫୩ ନଂ ଜାତୀୟ ରାଜପଥ ଦେଇ ମଧ୍ୟ ଯାଇପାରିବେ। ଜଗତ୍‌ସିଂହପୁର ଜିଲା ବାଟେ ଗଲେ ପ୍ରଥମେ ପ୍ରସିଦ୍ଧ ଝଙ୍କଡ ମା' ଶାରଳା ଓ ଗୋରେଖନାଥଙ୍କ ଦର୍ଶନ କରି ସିଧା ପାରାଦୀପ ଯାଇପାରିବେ। ପାରାଦୀପ ଦୋଛକି ପାଖରୁ ଜାତୀୟ ରାଜପଥ ଦେଇ କେନ୍ଦ୍ରାପଡ଼ା ଜିଲା ବାଟେ ବଳଦେବଜୀଉ, ଓଳାଶୁଣୀ, ରତ୍ନଗିରି, ଲଳିତଗିରି, ଚଣ୍ଡିଖୋଲର ଚଣ୍ଡୀ ମନ୍ଦିର, ମହାବିନାୟକ ଦେଖି ଛତିଆ ବାଟେ ଭୁବନେଶ୍ୱର ଫେରିପାରିବେ। ଅନ୍ୟପକ୍ଷେ ପାରାଦୀପ ବନ୍ଦର ସହର ମଧ୍ୟରେ ଆଉ କିଛି ଆକର୍ଷଣୀୟ ଜାଗା ଦେଖିପାରିବେ। ସେଗୁଡ଼ିକ ହେଲା ବତିଘର, ବତିଘର ପାଖ ସୁଦୀର୍ଘ ବେଳାଭୂମି, ରାଜ୍ୟର ବୃହତ୍ ଜଳଜୀବ ସଂଗ୍ରହାଳୟ, ଡପ୍‌ଲର ରାଡାର, ସ୍ମୃତି ଉଦ୍ୟାନ, ନୌବାଣିଜ୍ୟ ସଂଗ୍ରହାଳୟ ଆଦି ରହିଛି। ପାରାଦୀପ ପ୍ରବେଶ ପଥ ଦୋଛକି ପାଖରେ ଅଛି ପ୍ରାଚୀନ ଉଦୟବଟ ଧାମ। ଏଠାକାର ଅନ୍ୟ ଏକ ଐତିହାସିକ ସ୍ଥାନ ହେଲା ଚଉମୁହାଣି। କଟକ ପାରାଦୀପ ରାସ୍ତାର ଭୂତମୁଣ୍ଡାଇଠାରୁ ୨ କିମି ଆଗକୁ ଗଲେ ପଡିବ ଏହି ଜାଗା। ସିଙ୍ଗଟାଳି ଛକରୁ ବାମପଟେ ଗଲେ ପଡ଼ିବ ଚଉମୁହାଣି। କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର ୪ ନଦୀର ମୁହଁ ସେହି ସ୍ଥାନରେ ମହାନଦୀରେ ମିଶିଛି। ସେଗୁଡ଼ିକ ହେଲା ଲୁଣା, ଚିତ୍ରୋତ୍ପଳା, ହଳଦୀପାଣି ଓ ମହାନଦୀ। ଇଂରେଜମାନେ ଯେତେବେଳେ ଭାରତ ଶାସନ କରୁଥିଲେ ଏହି ଚଉମୁହାଣି ଥିଲା ତାଙ୍କର ମୁଖ୍ୟ ବାଣିଜ୍ୟିକ ସ୍ଥାନ। ସେହି ଚଉମୁହାଣି ଡାକବଙ୍ଗଳା ପାଖରେ ଲକ୍ ସହିତ ଛୋଟ ପୋଲ ନିର୍ମାଣ କରିଥିଲେ, ଯାହା ଏପର୍ଯ୍ୟନ୍ତ ସେମିତି ରହିଛି। ପାଣି ରୋକିବା ପାଇଁ କାଠ ଲକ୍ ମଧ୍ୟ ରହିଛି। ଡାକବଙ୍ଗଳା ଚଉଡ଼ା କାନ୍ଥ ଏବେ ବି ରହିଛି। ପାରାଦୀପ ବନ୍ଦର ଆରମ୍ଭ ମଧ୍ୟ ସେହି ଜାଗାରୁ ଆରମ୍ଭ ହୋଇଥିଲା। ଏହାବାଦ୍ ପାରାଦୀପଗଡଠାରେ ପ୍ରସିଦ୍ଧ ଲୋକନାଥ ମନ୍ଦିର, ନିମିଢିଠାରେ ପାରେଶ୍ୱର ମନ୍ଦିର ମଧ୍ୟ ରହିଛି।ଯାହା ଖୁବ୍ ସୁନ୍ଦର ହେଲେ ମଧ୍ୟ ଏପର୍ଯ୍ୟନ୍ତ ପର୍ଯ୍ୟଟନ ତାଲିକାରେ ସାମିଲ ହୋଇନାହିଁ।

**କଣ୍ଟିଆଗଡ଼ ବେଳାଭୂମି** – ଗଞ୍ଜାମ ଜିଲାର ଗଞ୍ଜାମ ବ୍ଲକ ଅଧୀନ କଣ୍ଟିଆଗଡ଼ ନିକଟରେ ରହିଥିବା ବଟେଶ୍ୱର ମହାଦେବ ମନ୍ଦିର ଓ ସମୁଦ୍ର ବେଳାଭୂମିର ପରିଚୟ ସ୍ୱତନ୍ତ୍ର । ଏଠାକୁ ଆସିବାକୁ ହେଲେ ଭୁବନେଶ୍ୱରଠାରୁ ୧୩୫ କି.ମି. ହୁମ୍ମା ଛକ ଜାତୀୟ ରାଜପଥ–ନଂ.୧୬ ଠାରୁ ବାମକୁ ୪ କି.ମି. ଏବଂ ବ୍ରହ୍ମପୁରଠାରୁ ୩୨ କି.ମି. ପୁଇଁତୋଳା ଛକ ଜାତୀୟ ରାଜପଥ–ନଂ.୧୬ ଡାହାଣକୁ ୯ କି.ମି. ଦୂର ହେବ। ବଟେଶ୍ୱର ଶୈବପୀଠ ଯିବା ରାସ୍ତାରେ ନଜର ପଡ଼ିବ ସୁନ୍ଦର ଉଦ୍ୟାନ ମଧ୍ୟରେ ପୂଜା ପାଉଥିବା ପବନ ସୂତ ହନୁମାନ। କିନ୍ତୁ ପ୍ରାକୃତିକ ସୌନ୍ଦର୍ଯ୍ୟର ଅପୂର୍ବ ଶୌଭାରାଶି ମଧ୍ୟରେ ବାଲୁକା ଶଯ୍ୟାର ବହୁ ତଳେ ରହିଛି ଏହି ଅଷ୍ଟାଦଶ ଶତାବ୍ଦୀରେ ଶୈବ ପୀଠ। ଠାକୁରଙ୍କ ଦର୍ଶନ ସାଙ୍ଗକୁ ପ୍ରାକୃତିକ ସୋନ୍ଦର୍ଯ୍ୟ ଏବଂ ମନ୍ଦିରର ପୂର୍ବଦେଶରେ ଥିବା ସମୁଦ୍ରରେ ଗାଧୋଇବା, ଗ୍ରାମ୍ୟ ଉଦ୍ୟାନରେ ଖେଳିବା ମଜା ନେବା ପାଇଁ ବର୍ଷ ଯାକ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଗ୍ରାମ୍ୟ ଉଦ୍ୟାନରେ ବିଭିନ୍ନ ଖେଳ ସରଞ୍ଜାମ, ପଶୁପକ୍ଷୀଙ୍କ ମୂର୍ତ୍ତି, ପୋଖରୀ ମଧ୍ୟରେ ୧୫ ଫୁଟ ଶିବଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ। ଝାଉଁ, କାଜୁ ଜଙ୍ଗଲ ପରିବେଶରେ ୫୦୦ ମିଟର ଦୂରରେ ବଙ୍ଗୋପସାଗର ଜଳରାଶି ପ୍ରଭାତ ସମୟରେ ସୂର୍ଯ୍ୟଙ୍କ କିରଣ ମନ୍ଦିରର ଶୋଭାକୁ ଦ୍ୱିଗୁଣିତ କରିଥାଏ। ପିକ୍‌ନିକ୍ ଋତୁ ନଭେମ୍ବରଠାରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ବଣଭୋଜି କରିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମେ।

**କନିକା ବାଲିଦ୍ୱୀପ–**ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନସ୍ଥ ଧାମରା ମୁହାଣରୁ ପ୍ରାୟ ୮କିଲୋମିଟର ଦୂରରେ ବଙ୍ଗୋପସାଗରରେ ରହିଛି 'କନିକା ବାଲିଦ୍ୱୀପ' । ଜନମାନବ ଶୂନ୍ୟ ଦ୍ୱୀପର ଆକାର ପ୍ରାୟ ୧୨ଶହ ଏକର। ଏଠାରେ ଥିବା ପ୍ରାୟ ୪୫୦ଏକର ପରିମିତ ପ୍ରାକୃତିକ ଜଙ୍ଗଲରେ ବିଭିନ୍ନ କିସମର ବନି, ଗୁଆଁ, ଗରାଣ୍ଡି, ସୁନାରୀ ଓ ଝାଉଁ ଆଦି ଲୁଣାଜଙ୍ଗଲ ଜାତୀୟ ଗଛ ଓ ଅନାବନା ଲତା ରହିଛି । ଦ୍ୱୀପ ମଧ୍ୟରେ ଏକ କେନାଲ ରହିଛି। ସାମୁଦ୍ରିକ ଲୁଣାପାଣି ଏଥିରେ ନିୟମିତ ମାଡ଼ିବା ଦ୍ୱାରା ବାଲିଦ୍ୱୀପର ଆଭ୍ୟନ୍ତରୀଣ ଅଞ୍ଚଳର ଲୁଣା ଜଙ୍ଗଲକୁ ଜଳ ଯୋଗାଇଥାଏ। ପ୍ରାୟ ୬କିଲୋମିଟର ଲମ୍ବ ତଟରେଖାର ବିସ୍ତୀର୍ଣ୍ଣ ବେଳାଭୂମି, ସମୁଦ୍ରର ନୀଳ ଜଳରାଶି, ଦ୍ୱୀପର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶାନ୍ତ ପରିବେଶ ଏଠାକାର ଅନ୍ୟ ଏକ ପରିଚୟ । ସ୍ଥଳଭାଗ ମଧ୍ୟକୁ ପଶିଯାଇ ଅବତଳ ଆକାର ବିଶିଷ୍ଟ ଏହାର ବାଲୁକାମୟ ବେଳାଭୂମିର ଚଉଡ଼ା ସ୍ଥଳ ବିଶେଷରେ ୫୦ରୁ ୧୫୦ମିଟର । ପ୍ରଚୁର ପରିମାଣର ଲାଲ କଙ୍କଡା, କେତେକ ନୀଳ କଙ୍କଡା ଓ ବିଭିନ୍ନ ପ୍ରଜାତିର ଦେଶୀପକ୍ଷୀ ଏହି ଦ୍ୱୀପରେ ଦେଖାଯାଆନ୍ତି। ଧାମରାରେ ରହଣି ପାଇଁ ବିଭିନ୍ନ ବର୍ଗର ହୋଟେଲ ରହିଛି । ଖାଦ୍ୟରେ ଲୁଣାମାଛର ସ୍ୱାଦ ନେଇପାରିବେ । ପର୍ଯ୍ୟଟକ ସମୁଦ୍ରରେ ଜଳଯାତ୍ରାର ମଜ୍ଜାନେବା ସହିତ ଏହାର ଆଖପାଖରେ ମା' ଧାମରାଈ ମନ୍ଦିର, ଧାମରା ମାଛଧରା ବନ୍ଦର, ଧାମରା ବନ୍ଦର(ଆଦାନୀ), କାଳିଭଞ୍ଜ ଡିଆଁ ଜଙ୍ଗଲ ଦେଖିପାରିବେ। ଧାମରାରୁ ପ୍ରାୟ ୧ ଘଣ୍ଟାର ବୋଟ୍ ଯାତ୍ରାରେ ଏଠାରେ ପହଞ୍ଚି ହେବ ଓ ଏଥିପାଇଁ ବୋଟ୍ ଭଡାରେ ମିଳୁଛି । ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱରରୁ ଧାମରାକୁ ସିଧାସଳଖ ଘରୋଇ ବସସେବା ରହିଛି । ଜଳପଥରେ କେନ୍ଦ୍ରାପଡ଼ା ଜିଲାର ନଳିତାପାଟିଆ ଓ ତାଳଚୁଆରୁ ଏଠାକୁ ବୋଟ୍‌ରେ ସିଧାସଳଖ ଆସିପାରିବେ । ଦ୍ୱୀପଟିକୁ ପର୍ଯ୍ୟଟନସ୍ଥଳୀ ଭାବରେ ଘୋଷଣା ହୋଇ ନ ଥିଲେ ମଧ୍ୟ ବର୍ଷାଋତୁକୁ ଛାଡ଼ିଦେଲେ ବର୍ଷର ବିଭିନ୍ନ ସମୟରେ ସ୍ଥାନୀୟ ଲୋକମାନେ ଦେଶୀ ଡଙ୍ଗା ଓ ବୋଟ୍‌ରେ ଏଠାକୁ ଯାଇ ଥାଆନ୍ତି । ପର୍ଯ୍ୟଟନ ଋତୁରେ ଏଠାରେ ବେଶି ଭିଡ ହୁଏ । ଏଠାରେ ରୋଷେଇ ଓ ମାଇକ ଆଦି ବ୍ୟବହାର ପାଇଁ ବାରଣ କରାଯାଇଛି। ପୂର୍ଣ୍ଣିମୀ ଓ ଅମାବାସ୍ୟାର ଅଧିକ ଜୁଆରରେ କନିକାବାଲି ଦ୍ୱୀପର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଯାଏ ।

ଏହାବାଦ ବି ଆହୁରି କେତୋଟି ବେଳାଭୂମି ରହିଛି ଯାହାକୁ ସରକାରୀ ସ୍ତରରେ ମାନ୍ୟତା ନ ମିଳିଥିଲେ ବି ପର୍ଯ୍ୟଟକଙ୍କ ପ୍ରିୟ ହୋଇପାରିଛି।

**–ବନବିହାରୀ ବେହେରା, ଶରତ କୁମାର ରାଉତ, ବିଦ୍ୟାଧର ସାହୁ, ବାଞ୍ଛାନିଧି ଦେ, ଭାସ୍କର ରାଉତରାୟ, ଅଶୋକ ପଣ୍ଡା**










ସ୍କର୍ଟର ଫ୍ୟାଶନ ବି କେବେ ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏ ନାହିଁ। ବିଭିନ୍ନ ଭେରାଇଟିରେ ଆସୁଥିବା ସ୍କର୍ଟକୁ ଅକେଜନ୍ ଅନୁଯାୟୀ ଟ୍ରାଏ କଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳେ। ଆଉ ଶୀତଦିନେ ତ ଉଲେନ୍ ସ୍କର୍ଟର ଚାହିଦା ବଢ଼ିଯାଏ। ତା'ହେଲେ ଜାଣନ୍ତୁ କିଛି ଲାଟେଷ୍ଟ ଉଲେନ୍ ସ୍କର୍ଟ ଓ ତାହାର ଷ୍ଟାଇଲ୍ ଷ୍ଟେଟମେଣ୍ଟ ସମ୍ପର୍କରେ...



# ଉଲେନ୍ ସ୍କର୍ଟ



**✲ ଉଲେନ୍ ମିନି ସ୍କର୍ଟ:** ଏହି ସ୍କର୍ଟ ଶୀତଦିନେ ଯୁବତୀଙ୍କୁ ସ୍ମାର୍ଟ ଲୁକ୍ ଦେଇଥାଏ। ଖାସ୍ କରି ଯେଉଁମାନଙ୍କର ଉଚ୍ଚତା ଟିକେ କମ୍, ସେମାନେ ଏହାକୁ ଟ୍ରାଏ କଲେ ସେମାନଙ୍କ ଲୁକ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ। କିନ୍ତୁ ଧ୍ୟାନ ଦେବେ ଏହି ମିନି ସ୍କର୍ଟର ଲମ୍ବା ଯେମିତି ବେଶୀ ଛୋଟ ନହୋଇ ଆଣ୍ଠୁଠାରୁ ମାତ୍ର ୨/୩ ଇଞ୍ଚ ଉପରକୁ ରହୁଥିବ। ଏହା ସହିତ ଫୁଲ୍ ସ୍ଲିଭ୍‌ର ମ୍ୟାଚିଂ ଟପ୍ସ ଓ ଟିକେ ହିଲ୍‌ବାଲା ବୁଟ୍ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।

**✲ ଉଲେନ୍ ମ୍ୟାକ୍ସି ସ୍କର୍ଟ:** ଏହା ବି କମ୍ ଉଚ୍ଚତା ଥିବା ଯୁବତୀଙ୍କର ହାଇଟ୍‌କୁ ହାଇଲାଇଟ୍ କରିବାରେ ସାହାଯ୍ୟ କରିଥାଏ। ତା'ସହିତ ଶୀତଦିନେ ଏହା ଶୀତରୁ ମଧ୍ୟ ରକ୍ଷା କରିବାରେ ଖୁବ୍ କାମରେ ଆସିଥାଏ। ଟ୍ରେଣ୍ଡି ଲୁକ୍ ପାଇଁ ଏହି ଟାଇପ୍‌ର ଉଲେନ୍ ସ୍କର୍ଟ ସାଙ୍ଗକୁ କ୍ରପ୍ ଟପ୍ ଭଲ ମାନିଥାଏ। ଯେହେତୁ ଶୀତଦିନ ଚାଲିଛି, ତେଣୁ ଏହା ସାଙ୍ଗକୁ ମ୍ୟାଚିଂ କରି ଫୁଲ୍ ସ୍ଲିଭ୍‌ବାଲା ଯେ କୌଣସି ଟପ୍ସ ପିନ୍ଧିଲେ ବି ଲୁକ୍ ସେମିତି କିଛି ଖରାପ ଦେଖାଯାଏ ନାହିଁ। ଉଲେନ୍‌ର ହ୍ୟାଟ୍ ଏବଂ ବୁଟ୍ସ ବି ଏହା ସାଙ୍ଗକୁ ଭଲ ମାନିଥାଏ।

**✲ ଉଲେନ୍ ବଡିକନ୍ ପ୍ରିଣ୍ଟେଡ୍ ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟ ବି ଶୀତଦିନେ ପିନ୍ଧିବା ପାଇଁ ଖୁବ୍ ଭଲ ହୋଇଥାଏ। ଏହା ଯୁବତୀଙ୍କୁ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଏହି ସ୍କର୍ଟ ସାଙ୍ଗକୁ ମ୍ୟାଚିଂ କରି ଖାଲି ଫୁଲ୍ ସ୍ଲିଭ୍‌ବାଲା ଟପ୍ସ ପିନ୍ଧିପାରିବେ ନଚେତ୍ ତା'ଉପରେ ନି ଲେଙ୍ଗ୍‌ଥ ଉଲେନ୍ ଜ୍ୟାକେଟ୍ ପିନ୍ଧି ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ପାଇପାରିବେ।

**✲ ଉଲେନ୍ ଷ୍ଟ୍ରାଇପ୍ ପ୍ରିଣ୍ଟ ସ୍କର୍ଟ:** ଏହି ପ୍ରିଣ୍ଟର ସ୍କର୍ଟ ଆଖିକୁ ସୁନ୍ଦର ଦେଖାଯିବା ସହ ଯୁବତୀଙ୍କୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ଦେଇଥାଏ। ଆଉ ଯଦି ଫାବ୍ରିକ୍ ଉଲେନ୍‌ର ହୋଇଥାଏ, ତା'ହେଲେ ଶୀତରୁ ବି ରକ୍ଷା ମିଳିଯାଏ। ତେବେ ଏହି ପ୍ରିଣ୍ଟର ଉଲେନ୍ ସ୍କର୍ଟ ସହ ଯେତେ ସମ୍ଭବ ପ୍ଲେନ୍ ଟପ୍ସ ପିନ୍ଧିବେ ସେତେ ଭଲ।

## କିଛି ଟିପ୍ସ

**✲ ନର୍ମାଲ୍ ଟପ୍ସ ପିନ୍ଧିପାରିବେ:** ଉଲେନ୍ ସ୍କର୍ଟ ସାଙ୍ଗକୁ କେବେ ବି ଓଭର୍ ବଡି ଫିଟିଙ୍ଗ୍ ହେଲା ଭଳି ଟପ୍ସ ପିନ୍ଧିବା ଠିକ୍ ନୁହେଁ। କାରଣ ଏହା ଆଖିକୁ ସେତେ ଭଲ ଦେଖାଯାଇ ନଥାଏ। ତେଣୁ ଚେଷ୍ଟା କରିବେ ଉଲେନ୍ ସ୍କର୍ଟ ସାଙ୍ଗକୁ ଯେତେ ସମ୍ଭବ ନର୍ମାଲ୍ ଟପ୍ସ ପିନ୍ଧିବା ପାଇଁ।


**✲ ଜ୍ୟାକେଟ୍ ବି ଟ୍ରାଏ କରିପାରିବେ:** ଉଲେନ୍ ସ୍କର୍ଟ ସାଙ୍ଗକୁ ଜ୍ୟାକେଟ୍ ଟ୍ରାଏ କଲେ ବି ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ। ତେଣିକି ସେ ଲେଦର୍ ହେଉ କି ଡେନିମ୍ କିମ୍ବା ଉଲେନ୍ ଫ୍ୟାବ୍ରିକ୍‌ର ବି ହୋଇପାରେ।

**✲ ଶୁଜ୍ ବି ଲାଗିବ ଷ୍ଟାଇଲିଶ୍:** ସ୍କର୍ଟ ସହ ହିଲ୍ ପିନ୍ଧିବାର ଫ୍ୟାଶନ ଏବେ ଟିକେ ପୁରୁଣା ହୋଇଗଲାଣି। ଆପଣ ଚାହିଁଲେ ଉଲେନ୍ ସ୍କର୍ଟ ସହିତ ମ୍ୟାଚିଂ କରି ଶୁଜ୍ ବି ପିନ୍ଧିପାରିବେ ; ଯାହାକି ଟ୍ରେଣ୍ଡି ଲୁକ୍ ଦେବ।





# ଗୋଟିପୁଅ ନୃତ୍ୟ ମୋ ପରିଚୟ








ଭାର୍ଗବୀ ନଦୀ ବନ୍ଧରେ ପୂର୍ବରୁ ପଶ୍ଚିମ ଆଡ଼କୁ ସାଙ୍ଗଯୋଡ଼ି ଗାଁ ଅଭିମୁଖେ ଯିବାବେଳେ ନଦୀବନ୍ଧର ଦକ୍ଷିଣପଟେ ନଜର ପଡିବ ଏକ ମହାବୀର ମନ୍ଦିର ଓ ନିକଟରେ ଥିବା ଏକ ଚାଳଛପର ହୋଇଥିବା ଆଖଡ଼ା ଘର ଉପରେ। ଯେଉଁଠି ଜଣେ ସୁନାମଧନ୍ୟ ଗୋଟିପୁଅ ନୃତ୍ୟଗୁରୁଙ୍କ ତତ୍ତ୍ୱାବଧାନରେ ଚାଲେ ଗୋଟିପୁଅ ନୃତ୍ୟର ସାଧନା। ଦୀର୍ଘ ୪ ଦଶନ୍ଧି ହେବ ତାଙ୍କର ଏହି ସାଧନା ଜାରି ରହିଛି। ସେ ହେଲେ ଗୋଟିପୁଅ ନୃତ୍ୟଗୁରୁ **କୈଳାଶ ଚନ୍ଦ୍ର ବିଶ୍ୱାଳ** ; ଯିଏକି ଆମ ରାଜ୍ୟ ସହ ଦେଶ ଓ ବିଦେଶରେ ଗୋଟିପୁଅ ନୃତ୍ୟ ପରିବେଷଣ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଜନ୍ମ ୧୯୮୨ ମସିହା। ପିତା କୁଳମଣି ବିଶ୍ୱାଳ ଓ ମାତା ପଞ୍ଚେଇ ବିଶ୍ୱାଳ। ଘର ପୁରୀ ଜିଲା ସତ୍ୟବାଦୀ ବ୍ଲକର ବାଇଁଶିବାଡ଼ି ଗାଁରେ। ସେ କୁହନ୍ତି, ‘‘ମୋ ବାପା ଜଣେ ସଂକୀର୍ତ୍ତନ ଓ ରାମ ନାଟକ ଗୁରୁ। ବଡ଼ଭାଇ ରମେଶ ଜଣେ ପାଲାଗାୟକ। ଆମ ଘରେ ସବୁବେଳେ ସଙ୍ଗୀତ ଆସର ଚାଲେ ; ଯାହାର ପ୍ରଭାବ ପିଲାଟିଦିନରୁ ମୋ ଉପରେ ପଡ଼ିଥିଲା। ମୋର ଅଧିକାଂଶ ସମୟ ନାଚ ଗୀତରେ ବିତୁଥିଲା ; ଯେଉଁଥିପାଇଁ ୧୦ମ ପଢୁଥିବାବେଳେ ଅଧାରୁ ପାଠପଢା ବନ୍ଦ ହେଲା। ଏପଟେ ଘରେ ଘୋର୍ ଆର୍ଥିକ ଅନଟନ। ଜୀବନ ଯେ ସଂଘର୍ଷମୟ ଏକଥା ସେବେଠୁ ମୁଁ ଶିଖିଲି। କ’ଣ କରିବି ନିଜେ ହିଁ ନିଷ୍ପତ୍ତି ନେଲି। ପଦ୍ମଶ୍ରୀ ଗୁରୁ ମାଗୁଣି ଦାସ ଏବଂ ଗୁରୁ ମାଗୁଣୀ ଜେନାଙ୍କଠାରୁ ଗୋଟିପୁଅ ନୃତ୍ୟ ଶିକ୍ଷା କଲି। ପରେ ଗୁରୁ ବୀରବର ସାହୁ, ଜୟକୃଷ୍ଣ ନାୟକ, ଲିଙ୍ଗରାଜ ବାରିକଙ୍କଠାରୁ ନୃତ୍ୟ ଶିକ୍ଷା କଲି। ଏହାପରେ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ, ଗୁରୁ ମହାଦେବ ରାଉତ ଓ ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗୋଟିପୁଅ ନୃତ୍ୟର ଭାବଭଙ୍ଗୀ, ଲୟ, ଠାଣି ଆଦି ଶିଖିଲି। ସାଧାରଣତଃ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରା, ରଥଯାତ୍ରା, ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରାରେ ସେବା ଭାବେ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥାଏ। ସେତେବେଳେ ଗୋଟିପୁଅ ନୃତ୍ୟରେ ଜଣେ ଜଣେ ପୁଅ ନୃତ୍ୟ କରୁଥିଲେ, ଏବେ ଦଳଗତ ହୋଇ ୭ରୁ ୧୦ଜଣ ପୁଅପିଲା ଏହି ନୃତ୍ୟ ପରିବେଷଣ କରୁଛନ୍ତି। ଆମ ଦଳରେ ୧୫ଜଣ ନୃତ୍ୟଶିଳ୍ପୀ ଥିବାବେଳେ ମୃଦଙ୍ଗରେ ୮ରୁ ୨୦ଜଣ ଅଛନ୍ତି। ଏହା ଏକ ପାରମ୍ପରିକ ନୃତ୍ୟ ; ଯେଉଁଥିରେ ପୁରାତନ କବିମାନଙ୍କ ଭଜନ, ଜଣାଣ, ଚମ୍ପୁ, ଛାନ୍ଦ ଆଦି ଗାୟନ କରାଯାଇଥାଏ। ଆମ ଗାଁରେ ମୁଁ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କରିଥିବା ଗୋଟିପୁଅ ଆଖଡ଼ାଶାଳାରେ ପରିଜାପଡ଼ା, ଚନ୍ଦନପୁର, ବଅଁପାଳ, ବଳପୁର, ଶିଉଳି, ବ୍ରହ୍ମଗିରି, ସତ୍ୟବାଦୀ ଆଦି ବିଭିନ୍ନ ଗାଁର ପିଲାମାନେ ଆସି ଗୋଟିପୁଅ ନୃତ୍ୟ ଶିକ୍ଷା କରିଥାନ୍ତି। ଏବେ ପ୍ରାୟ ୨୮ଜଣ ପିଲା ଅଛନ୍ତି। ସକାଳୁ ସକାଳୁ ଚଉକ ଓ ବନ୍ଧନୃତ୍ୟ ଶିକ୍ଷା ଦିଆଯାଉଥିବାବେଳେ ରବିବାର ଦିନ ୨ଘଣ୍ଟା ଅଧିକ ଶିକ୍ଷା ଦିଆଯାଏ। ଆଖଡ଼ା ଛଡ଼ା ମୁଁ ଅନ୍ୟ କେତୋଟି ସ୍ଥାନରେ ମଧ୍ୟ ନୃତ୍ୟ ଶିକ୍ଷା ଦେଉଛି। ଗୋଟିପୁଅ ନୃତ୍ୟର ସ୍ୱତନ୍ତ୍ରତା ରହିଛି। ଏଥିରେ ସାଧାରଣତଃ ପୁଅମାନେ ଝିଅଙ୍କ ବେଶରେ ନୃତ୍ୟ ପରିବେଷଣ କରିଥାନ୍ତି। ଆମେ ଓଡ଼ିଶାର ବିଭିନ୍ନ ମହୋତ୍ସବ ଛଡ଼ା ଦେଶବିଦେଶରେ ବି ନୃତ୍ୟ ପରିବେଷଣ କରୁଛୁ। ଯେମିତିକି କୁରୁକ୍ଷେତ୍ରରେ ଆୟୋଜିତ ଗୀତା ମହୋତ୍ସବ, ରାଜସ୍ଥାନରେ ଆୟୋଜିତ ଶିଳ୍ପୀଗ୍ରାମ ମହୋତ୍ସବ, ସଲେଙ୍ଗନନ୍ଦ, ଜୟପୁର ଲୋକଗ୍ରାମ ଉତ୍ସବ, ଗୁରୁଗ୍ରାମ ନ୍ୟାଶନାଲ ମ୍ୟୁଜିୟମ, ଦିଲ୍ଲୀ, ଜି-୨୦ ସମ୍ମିଳନୀ, ଆଣ୍ଡାମାନ ନିକୋବର, ଜାପାନ, ହଂକଂ, ବେଲଜିୟମ, ବାଂଲାଦେଶ, ପର୍ତ୍ତୁଗାଲ ଆଦି ଦେଶରେ ଆୟୋଜିତ ମହୋତ୍ସବରେ ନୃତ୍ୟ ପରିବେଷଣ କରିଛୁ। ସବୁଠାରୁ ବଡ଼କଥା ହେଲା, ୨୦୧୮ ମସିହାରେ ଓଡ଼ିଶା ସରକାରଙ୍କ ତରଫରୁ ଗୋଟିପୁଅ ନୃତ୍ୟ ଏବଂ ମେଢ଼ନୃତ୍ୟ ପାଇଁ ‘ଲୋକକଳା ଗ୍ରାମ’ ଭାବେ ଆମ ସାରଙ୍ଗଯୋଡ଼ିକୁ ମାନ୍ୟତା ମିଳିଛି। ‘ନମସ୍ତେ ଇଣ୍ଡିଆ’ ଫେଷ୍ଟିଭାଲରେ ଗୋଟିପୁଅ ନୃତ୍ୟରେ ଆମେ ବହୁ ପ୍ରଶଂସା ପାଇଛୁ। ଗୋଟେ କଥା ମନେପଡେ, ଜାପାନର ଟୋକିଓରେ ନମସ୍ତେ ଇଣ୍ଡିଆ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କଲାବେଳେ ଏଠାକୁ ଆସିଥିବା କଳାପ୍ରେମୀ, ଗବେଷକ, ଅତିଥି ତଥା ସ୍କୁଲ ପିଲାଙ୍କୁ ଗୋଟିପୁଅ ନୃତ୍ୟ ସମ୍ପର୍କରେ ବୁଝାଇଥିଲୁ। ବିଦେଶରେ ଏହି ନୃତ୍ୟର ଖୁବ୍ ଲୋକପ୍ରିୟତା ରହିଛି।’’

ଗୋଟିପୁଅ ନୃତ୍ୟ ସହିତ ମର୍ଦ୍ଦଳ ବାଦକ ଭାବେ ତାଙ୍କୁ ଉତ୍କଳ ଗୁରୁ ସମ୍ମାନ, ଆରାଧନା ସମ୍ମାନ, ଧର୍ମକୀର୍ତ୍ତି ସମ୍ମାନ ଆଦି ମିଳିଛି। ଜାପାନରୁ ବି ସେ ସମ୍ମାନିତ ହୋଇଛନ୍ତି। ତାଙ୍କ ମତରେ, ଆଜି ସେ ଯାହା କିଛି ପରିଚିତି ପାଇଛନ୍ତି, ତାହା କେବଳ ଗୋଟିପୁଅ ନୃତ୍ୟ ପାଇଁ। ଜୀବନ ଥିବା ଯାଏ ଏ ନୃତ୍ୟର ପ୍ରଚାର, ପ୍ରସାର ଦିଗରେ ସେ କାମ କରିବେ।

—ବନବିହାରୀ ବେହେରା









# କାଣ୍ଟିଆ

-ଦୀପ୍ତିମୟୀ ଶତପଥୀ

ଆଲମିରାରୁ ସବୁତକ ଲୁଗା କାଢ଼ି ତଳେ ଗଦେଇସାରିଲେଣି ମନମୋହନ। ସେଇ ଚାଦରଟା ମିଳୁନି। ପୁଅ ଆଣି ଦେଇଥିଲା ଚାକିରିର ପ୍ରଥମ ଦରମାରେ। ଦିଲ୍ଲୀରୁ ଶୀତଦିନେ ପୁଅ ଆସିଲା ବେଳକୁ ତା’ ଆଗରେ ଦେଖେଇହୋଇ ମନମୋହନ ସେଇଟିକୁ ଘୋଡ଼େଇହୋଇ ଦୁଇଦିନ ବୁଲିବାର ଦେଖାଯାଏ। ପୁଅ ଆତ୍ମସନ୍ତୋଷରେ ବିରାଟ ବସ୍ତୁଟିଏ ଯୋଗେଇ ଦୟା କରିବାପରି ଗର୍ବ ଅନୁଭବ କରେ। ପୁଅ ଯିବାପରେ ତାକୁ ସଫାକରି ପୁଣି ସାଇତି ଦିଅନ୍ତି ଆଲମିରାରେ ମନମୋହନ। ନିତି ବ୍ୟବହାର କଲେ ଦାଗ ଲାଗିଯିବ, ଚିରିଚାରିଯିବ। ଆଜି ସେ ଚାଦରଟି ତାଙ୍କୁ ଠାବ ହେଉନି। ଏମିତିରେ ତାଙ୍କୁ ବିସ୍ମରଣ ରୋଗ ଛୁଇଁନି। ଘରଭଡା, ବ୍ୟାଙ୍କ୍, ଫସଲ ଅମଳ ସବୁର ଚିକିନିଖି ହିସାବ ତାଙ୍କ ପାଟିରେ, ଟିପ ଅଗରେ।

ରୋଷେଇଘରୁ ଆସିଲେ ସ୍ତ୍ରୀ ଭାରତୀ। ଲୁଗାର ପାହାଡ଼ ଦେଖି ତାଙ୍କ ମୁଣ୍ଡ ବୁଲେଇଦେଲା। କହିଲେ, ‘ମୁଁ ସଜାସଜି ନ ପାରିବାକୁ ତମର ଏତେ ଘଣ୍ଟାଚକଟା କ’ଣ ?’ ‘ନାଇଁମ...’ ମନମୋହନ କଥା ବାଁରେଇଲେ। ଠିକ୍ ଧରିନେଲେ କଥା ଭାରତୀ। ପୁଅ ଫୋନ୍ କରିଥିଲା, ଆସୁଚି। ବାଛିବାଛି ନାଁ ଦେଇଥିଲେ କୁଳଭୂଷଣ। ଚାକିରି ଜୀବନରେ ଗୋଟିଏ ଉପହାର ଦେଇଥିଲା ମନମୋହନଙ୍କୁ କାଣ୍ଟିଆ ଚାଦର। ସେଇଟି ଯେ ଏକ ଦୁର୍ଲଭ ବସ୍ତୁ, ବାରମ୍ବାର ଚେତେଇବାକୁ ଭୁଲୁ ନ ଥିଲା। ତିନିବର୍ଷ ତଳେ ଜ୍ୱର ହୋଇଥିଲା ମନମୋହନଙ୍କୁ। ଜ୍ୱର ନ କମିବାରୁ ସନ୍ଦେହରେ ସ୍ଥାନୀୟ ଡାକ୍ତର କରୋନା ଚିକିତ୍ସାଳୟକୁ ପଠେଇଦେଲେ। ସେଇ ସମୟରେ କାଣ୍ଟିଆଟି ତାଙ୍କୁ ବଢ଼େଇଦେଇଥିଲେ ଭାରତୀ। ଡାକ୍ତରଖାନା ନିୟମ ଅନୁସାରେ ପିନ୍ଧାଲୁଗା ସହ କାଣ୍ଟିଆଟି ଚାଲିଗଲା କରୋନା ଭୂତାଣୁବାହକ ବର୍ଜ୍ୟବସ୍ତୁ ରୂପେ। ପନ୍ଦରଦିନପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ ମନମୋହନ। ଫେରି ନ ଥିଲା କାଣ୍ଟିଆ। ଆଜି ପୁଅ ଆସିବା ଖବର ପାଇ ଖୋଜୁଥିଲେ ଚାଦର। ଭାରତୀ ମନେପକେଇଦେଲେ ସବୁ। ଚିନ୍ତାରେ ପଡିଗଲେ ମନମୋହନ। ପୁଅ ପଚାରିବ... ‘‘ଏତେ ସକାଳୁ ଉଠୁଚ, ଥଣ୍ଡା ଧରିବ, ଘୋଡ଼େଇହଉନ କାହିଁକି ?’’ ପରୋକ୍ଷରେ ଦେଇଥିବା ଚାଦରଟିକୁ ଖୋଜିବ। କାଣ୍ଟିଆ ପରି ହାତବୁଣା ଦ୍ରବ୍ୟର ମର୍ଯ୍ୟାଦା ବୁଝିବାକୁ ବାପା ଅକ୍ଷମ ବୋଲି ଭାବିବ। କାହାକୁ ଦାନ କରିଦେଲେ ବୋଲି ସନ୍ଦେହ କରିବସିବ। ଏମିତିରେ ସେ ସବୁ କଥାରେ ବିରକ୍ତ ହୁଏ। ବାପାଟି ତା’ ପାଇଁ ସବୁ ଅୟସ ଖଞ୍ଜିଥିବାବେଳେ, ବାପା ଉପରେ ଭୂଷଣ ଅତିମାତ୍ରାରେ ଅସନ୍ତୁଷ୍ଟ। ତିଆରିଥିବା ଘର ପ୍ଲାନବିହୀନ, ଜମିସବୁ ସ୍ୱଳ୍ପମୂଲ୍ୟର... ଘରେ ପଶୁପଶୁ ଅନେକ ଆପତ୍ତି ଅଭିଯୋଗର ଫର୍ଦ୍ଦ ଲମ୍ବିଯାଏ। ଭାରତୀ କାଠପରି ଦୁଆରବନ୍ଧକୁ ଆଉଜି ଠିଆହେଇଥିବେ। ରାତିରୁ ଉଠି କରିଥିବା ପୁଅ ପସନ୍ଦର ଦ୍ରବ୍ୟ ବାଢିବେ। ପୁଅ ଖାଇବ, ବାକିତକ ନବାପାଇଁ ଠାରିବ। ବୋହୂ, ନାତିଙ୍କ ପାଇଁ ଭାରତୀ ସଜେଇ ବାନ୍ଧିଦେବେ। ପୁଅ ଦେଖୁଥିବ, କହିବନି.... ‘‘ବାପାଙ୍କ ପାଇଁ ଦିଇଟା ରଖିଦେ...’’। ମା’ ପରା ମେଶିନ। ଶେଯରେ ପଡିଲାଯାଏ କରିବ, କରିଚାଲିବ। ବୋହୂ ଦିନେ ହାତରନ୍ଧା ଚଖେଇବାକୁ ଆସିନି କି ତିଆରି କରି ପଠେଇନି। ସେ ରହୁଥିବା ସହର ଗାଁଠୁ ମାତ୍ର ତିରିଶ କିଲୋମିଟର। ଆଜିକାଲି ବୋହୂମାନେ ସବୁବେଳେ କ୍ଳାନ୍ତ, ଜଞ୍ଜାଳ ମୁଣ୍ଡେଇବା ଦୂରକଥା। ଏଇ ପ୍ଲାନ୍‌ବିହୀନ ଦୁଇତାଲା ଘରେ ସାତ ବଖରା । ଦଶ ପ୍ରାଣୀ। ହଳିଆ ମୂଲିଆ, କୁଣିଆ ସବୁ ମୁଣ୍ଡେଇଥିଲେ ଭାରତୀ। ଅଶୀ ପରେ ବି ସରୁସରୁ କାଠିପରି ହାତରେ ସବୁଦିନ ରାନ୍ଧିକି ଦିଅନ୍ତି ମନମୋହନଙ୍କୁ, ପର୍ବପର୍ବାଣିରେ ପୁଅକୁ, ପୁଅର ପରିବାରକୁ। ସେଇ ପୁଅର ହିତାହିତ ଜ୍ଞାନ ବାଟବଣା ହେଉଚି। ଗାଁର ଜମିବାଡ଼ିରୁ ଖଣ୍ଡେ ଲେଖାଏ ବିକି ସହରରେ ଫ୍ଲାଟ୍ ତିଆରିପାଇଁ ପୁଞ୍ଜି ବଢ଼େଇଦେଲେ ଆଖିରେ ଚମକ ଖେଳେଇ ଚାଲିଯାଉଚି। ପୁଣି ବର୍ଷକ ପରେ ସମାନ କଥା,ସମାନ ବ୍ୟବହାର। ଗାଁର ମାରୱାଡି ଦୋକାନକୁ ଗଲେ ମନମୋହନ। ଏକା ପ୍ରକାର ନ ହେଲେ ବି ଦାମିକା କାଣ୍ଟିଆଟିଏ କିଣିଆଣିଲେ। ପୁଅର ମାନ ରଖିବାକୁ ହେବ। ଏଥର ଭୂଷଣ ଅନ୍ୟମନସ୍କ ଥିଲା, ଉଦାସ ଦିଶୁଥିଲା। ସ୍ତ୍ରୀର ଦେହ ଖରାପ, ଭାରତୀ ଗଲେ ଘର ସମ୍ଭାଳିବେ। ଜଣକୁ ସେ ନେବାକୁ ଆସିଚି। ଦୁଇଜଣଯାକ ମୋ ସାଙ୍ଗରେ ଚାଲ ବୋଲି ପାଟିରୁ ବାହାରିଲାନି ତା’ର। ମନମୋହନଙ୍କୁ ସବୁ ଆସେ, ରୋଷେଇକୁ ଛାଡ଼ି। ଆବଶ୍ୟକତା କେବଳ ମା’ର, ବାପାଙ୍କର ନୁହେଁ। ଥରିଗଲେ ଭାରତୀ। ଆଜିଯାଏ ପୁଅକୁ ନା କହି ନ ଥିବା ଭାରତୀ ଟାଣ ଗଳାରେ କହିଲେ, ‘‘ମୁଁ ଯିବିନି। ଯେତେବେଳେ ଦରକାର ଡାକିନଉଚୁ, କାମସରିଲେ ପଠେଇଦଉଚୁ। ତାଠୁ ଭଲ ମୁଁ ମୋ ପସନ୍ଦରେ ଗୋଟେ ତରକାରି କରି ଖାଇବି, ଖୁଆଇବି। ମୋ ପାଖରେ ବସୁଥିବା ଉଠୁଥିବା ଦି ଚାରିଟା ଲୋକ ମୋର ହୋଇ ଠିଆହେବେ। ତୁ ମୋ ଆୟୁଷ ଆଉ ଆଶୀର୍ବାଦ ନେଇ ଯା... ତୋ ଘର କଥା ତୁ ବୁଝ୍।’’ ଭାରତୀଙ୍କଠୁ କେବେ ଏମିତି ଦମ୍ଭିଲା କଥା ଶୁଣି ନ ଥିଲା ଭୂଷଣ। ପ୍ରଥମଥର ସେ ଉତ୍ତର ଫେରାଉ ନ ଥିଲା। ତରତର ହୋଇ ମାରୱାଡି ଦୋକାନରୁ ଫେରୁଥିଲେ ମନମୋହନ। ‘‘ତୋର ଜନ୍ମଦିନ ଅଛି ଆର ସପ୍ତାହରେ। ଏଇ ଶାଲ୍‌ଟା ମଗେଇଥିଲି ତୋ ପାଇଁ।’’ ଭୂଷଣ ମୁହଁକୁ ନ ଚାହିଁ ଗାଡ଼ି ସିଟ୍‌ରେ ରଖିଦେଲେ ମନମୋହନ।

ଭୂଷଣ ଅବସର ନେଇସାରିଥିଲା। ଗତକାଲି ନିଜ ପିଲାଙ୍କ ବ୍ୟବହାରରେ ଭାଙ୍ଗିପଡ଼ିଥିଲା ନିଜେ। ଦୁଇଥର ବ୍ୟବସାୟରେ ପ୍ରଚୁର କ୍ଷତି କରିସାରିଥିଲା ବଡ଼ପୁଅ। ସାନପୁଅର ଥିଲା ମ୍ୟୁଜିକ ବ୍ରାଣ୍ଡ ଖୋଲିବା ନିଶା। ଦୋଷ ଦେଉଥିଲେ ଭୂଷଣକୁ। ଦୁଇଜଣଙ୍କର ଚାପ, ଗାଁର ସମ୍ପତ୍ତି ବଦଳରେ ଆମକୁ ପ୍ରତିଷ୍ଠା ଦିଅ। ଅର୍ଜିତ ଅର୍ଜନ ବିନିମୟରେ ସ୍ତ୍ରୀ ପିଲା ଅସନ୍ତୁଷ୍ଟ। ସବୁ ଦାୟିତ୍ୱ ସାରିବାପରେ ବି ଗାଁରେ ବୁଢ଼ା ମା’ବାପା ନିଜେ ନିଜର ଭରସା, ନିଜ ପ୍ରତି ଆସ୍ଥାବାନ୍। ଫେରିବା ବାଟରେ ଚାଦରଟିକୁ ହାତରେ ଧରିଲା ଭୂଷଣ। ଘୋଡ଼େଇହୋଇ ବସିଲା ଠିକ୍ ମନମୋହନଙ୍କ ପରି। ଡ୍ରାଇଭର ପଚାରିଲା ଏସି କମେଇବି କି ବାବୁ ? ମୁଣ୍ଡ ହଲେଇ ମନାକଲା ଭୂଷଣ। ଶୀତରେ ବି ଝାଳଉଥିଲା ଦେହ। ଆଖିରୁ ଝରୁଥିଲା ଲୁହ। ଘରେ ପହଞ୍ଚିବା ପର୍ଯ୍ୟନ୍ତ କିଛି ଲୁହ ପିଇଯାଉ ଏ କାଣ୍ଟିଆ।

-ବ୍ରହ୍ମପୁର, ମୋ: ୯୦୭୮୬୮୫୨୪୭

# ମନ ନାହିଁ

-ସଂଗ୍ରାମ ମହାରଣା

ହସିବ ତ ହସ, ମୋର ହସିବାକୁ ମନ ନାହିଁ
ମିଛ ହସ ଦେଖି ଏଠି ବଞ୍ଚିବାକୁ ମନ ନାହିଁ !
ସୁଖର ପାଉଣାରେ ଯଦି ଶୁଖିଯାଏ ଓଠ
ଆଖିରେ ମୋ ଲୁହ ଥାଉ କାନ୍ଦିବାକୁ ମନ ନାହିଁ !
ସଭିଏଁ ଭିଜନ୍ତି ଏଠି ବର୍ଷା ଅବା ଈର୍ଷା ଦେଖି
ପ୍ରେମ ପାଇଁ ମିଛୁଟାରେ ଭିଜିବାକୁ ମନ ନାହିଁ !
ଯେଉଁ ସ୍ୱପ୍ନ ପାଇଁ ନିଜ ନିଦ ସବୁ ହଜେଇଲି
ପାଇଗଲା ପରେ ମତେ ଶୋଇବାକୁ ମନ ନାହିଁ !
ପାହାନ୍ତିଆ କୋହ ସବୁ ମିଶିଗଲା କୁହୁଡିରେ
କାକର ଟୋପାରେ ମୋତି, ଖୋଜିବାକୁ ମନ ନାହିଁ !
ନୂଆ ନୂଆ କହୁ କହୁ ସରିଗଲା ନୂଆ ବର୍ଷ
ଆଉ ମତେ ନୂଆ କଥା, କହିବାକୁ ମନ ନାହିଁ !
ଦୁହେଁ ତ ବାଟୋଇ ହେଲେ ବାଟ ନୁହେଁ ଏକା
ଆଉଥରେ ତତେ ନେଇ ଲେଖିବାକୁ ମନ ନାହିଁ !

-ଇନ୍ଦୁପୁର,କେନ୍ଦ୍ରାପଡା,
ମୋ: ୯୯୩୮୫୭୯୪୫୬



# ଟେସ୍ ପ୍ରିୟ କ୍ୟାଟ୍ରିନା

**କ୍ୟା**ଟ୍ରିନା କୈଫଙ୍କୁ ଯେତେବେଳେ ଟିକେ ସମୟ ମିଳେ ସେ ଚେସ୍ ଖେଳିବାକୁ ପସନ୍ଦ କରିଥାଆନ୍ତି। ଏହା ତାଙ୍କର ଏବେକାର ଅଭ୍ୟାସ ନୁହେଁ। ସ୍କୁଲରେ ପଢିବାବେଳୁ ସେ ଏହା ସହ ଜଡିତ। କେବଳ ସେତିକି ନୁହେଁ, ଏହାସହ ତାଙ୍କର ଆଉ ଏକ ଅଭ୍ୟାସ ବି ଅଛି। ଅବସର ମିଳିବା ମାତ୍ରେ ସେ କ'ଣ କରନ୍ତି ଜାଣନ୍ତି ? ଚିତ୍ର ଆଙ୍କନ୍ତି। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ପିଲାଟି ଦିନରୁ ମୋତେ ଚେସ୍ ଖେଳିବା ଓ ଚିତ୍ର ଆଙ୍କିବାକୁ ଭାରି ଭଲ ଲାଗେ। ପାର୍ଟନର ଥାଆନ୍ତୁ କି ନ ଥାଆନ୍ତୁ ସମୟ ମିଳିଲେ ମୁଁ ଯେମିତି ବି ହେଉ ଚେସ୍ ଖେଳେ। ଏହାଛଡ଼ା କୌଣସି ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିଲେ ତା'ର ଚିତ୍ର ଆଙ୍କିବାକୁ ଭଲ ପାଏ। ଆଉ ମନକୁ ହାଲ୍‌କା କରିବା ପାଇଁ ମନ ପସନ୍ଦର ମ୍ୟୁଜିକ ଶୁଣେ।' ତେବେ ଗୋଟିଏ ଜିନିଷକୁ ସେ ଭାରି ଡରନ୍ତି। ତାହା ହେଲା ଅନ୍ଧାର। କ୍ୟାଟ୍ରିନା କୁହନ୍ତି, 'ଅନ୍ଧକାର ପରିବେଶରେ ମୁଁ ମିନିଟିଏ ବି ରହିପାରେ ନାହିଁ। ଭାରି ଡର ଲାଗେ।' ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ କ୍ୟାଟ୍ରିନା ମଡେଲିଂ ସହ ଜଡ଼ିତ ଥିଲେ। ୨୦୦୩ରୁ କ୍ୟାଟ୍ରିନାଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ଆଉ ଫିଲ୍ମଟି ଥିଲା 'ବୁମ୍'। ଗତବର୍ଷର ତାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ମେରି ଖ୍ରୀଷ୍ଟମାସ', ଯାହାକି ଜାନୁୟାରୀରେ ରିଲିଜ ହୋଇଥିଲା। ହେଲେ ଚିତ୍ରଟି ବ୍ୟବସାୟିକ ସଫଳତା ହାସଲ କରିବାରେ ସଫଳ ହୋଇ ନ ଥିଲା।


କ୍ୟାଟ୍ରିନା

# କେବଳ ଗୁଜବ

**କି**ଆରା ଆଡଭାନୀ ଏବେ ଟେନସନ୍‌ରେ ଅଛନ୍ତି। କଥା କ'ଣ କି ସେ କୁଆଡେ ତାଙ୍କର ଆଗାମୀ ଫିଲ୍ମ ପାଇଁ ପାରିଶ୍ରମିକ ଦୁଇ ଗୁଣା କରିଦେଇଛନ୍ତି ବୋଲି ଆଲୋଚନା ହେଉଛି। ଆଉ ଏ କଥାକୁ ସେ ଯେବେ ଜାଣିଲେ, ସେବେଠାରୁ ସେ ଟେନସନରେ ଅଛନ୍ତି। ଏଭଳି ପ୍ରଚାର ପଛରେ ଆଦୌ ସତ୍ୟତା ନାହିଁ ବୋଲି ସଫେଇ ଦେଇ କିଆରା କହନ୍ତି, ''ଏସବୁ ଯାହା ଶୁଣିବାକୁ ମିଳୁଛି ତାହା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। କାରଣ ମୋର ଏବେ ପାରିଶ୍ରମିକ ବଢ଼ାଇବାର କୌଣସି ଯୋଜନା ନାହିଁ। କେହି ମୋତେ ଅଯଥା ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ଏହାକୁ ଆଦୌ ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି।'' କିଆରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗ୍‌ଲି' ଏବଂ ଏହା ୨୦୧୪ରେ ରିଲିଜ ହୋଇଥିଲା। ବର୍ତ୍ତମାନ ସେ ଅଭିନୟ କରିଥିବା ମଲ୍ଟି ଷ୍ଟାରର ତଥା ଏସ. ଶଙ୍କରଙ୍କ ନିର୍ଦ୍ଦେଶିତ ତେଲୁଗୁ ଫିଲ୍ମ 'ଗେମ୍ ଚେଞ୍ଜର'ର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାମ ଚରଣ।


କିଆରା

# ଦୃଢ଼ ଆଶାରେ ସଲ୍ଲୁ

**ସ**ଲମାନ ଖାଁ ଏବେ ଗୋଟିଏ କଥାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି। ତାହା କ'ଣ ଜାଣନ୍ତି ? ଚଳିତ ବର୍ଷ ମାର୍ଚ୍ଚ ୨୮ରେ ତାଙ୍କ ଅଭିନୀତ ତଥା ବହୁ ଚର୍ଚ୍ଚିତ ବିଗ୍ ବଜେଟ୍ ଫିଲ୍ମ 'ସିକନ୍ଦର' ପରଦା ଉପରକୁ ଆସିବ। ସମ୍ପୂର୍ଣ୍ଣ ଆକ୍ସନ-ପ୍ୟାକ୍‌ଡ ଏହି ସିନେମାଟିର କାହାଣୀକୁ ଜଷ୍ଟିସ ଦେବାକୁ ସମସ୍ତ କଳକାର ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ସାଜିଦ ନାଦିଆଦୱାଲାଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ଏ.ଆର. ମୁରୁଗାଦସ। ଏ ବିଷୟରେ ସଲ୍ଲୁ କହନ୍ତି, ''ଏହାର କାହାଣୀ ସବୁ ବର୍ଗର ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଆଶା ରହିଛି। ଯେତେବେଳେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମୋତେ ଏହାର କାହାଣୀ ବିଷୟରେ ସୂଚନା ଦେଇଥିଲେ ସେବେଠାରୁ ମୁଁ ଅନୁମାନ କରିଥିଲି ଯେ ଫିଲ୍ମଟି ନିଶ୍ଚୟ ବକ୍ସ ଅଫିସରେ ଭଲ ବିଜନେସ୍ କରିବ। କେବଳ ମୁଁ ନୁହେଁ, ଏଥିରେ ଅଭିନୟ କରିଥିବା ସମସ୍ତ କଳାକାର ନିଜ ନିଜ ଭୂମିକାକୁ ସଫଳ କରିବାକୁ ଚେଷ୍ଟା କରିଛନ୍ତି। ଚଳିତ ବର୍ଷ ଇଦ୍ ଅବସରରେ ଫିଲ୍ମଟି ରିଲିଜ ହେବ। ଏହାକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'' ଏଥିରେ ସଲମାନ୍‌ଙ୍କ ବ୍ୟତୀତ ରଶ୍ମିକା ମନ୍ଦାନା, କାଜଲ ଅଗ୍ରୱାଲ, ସତ୍ୟରାଜ, ସରମନ ଜୋଶୀ ଏବଂ ପ୍ରତୀକ ବବର୍ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ବଜେଟ ରହିଛି ପାଖାପାଖି ୪୦୦କୋଟି। ଆଗାମୀ ଦିନରେ 'ସିକନ୍ଦର' ବଡ ପରଦାରେ କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।


ସଲମାନ

# ଚାହିଁ ବସିଛନ୍ତି ସାରା

**ସା**ରା ଅଲ୍ଲୀଙ୍କ ଖୁସି କହିଲେ ନ ସରେ। କେମିତି ବା ଖୁସି ହେବେନି କହୁନାହାନ୍ତି ? କଥା କ'ଣକି ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁରଜ ବଡ଼ଜ୍ୟାତାଙ୍କ ଆଗାମୀ ଫିଲ୍ମରେ ସେ ନାୟିକା ସାଜିବାକୁ ଯାଉଛନ୍ତି। କିନ୍ତୁ ଏ କଥା ନେଇ ଯଦିଓ ପ୍ରଯୋଜନା ସଂସ୍ଥା ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ସାରାଙ୍କୁ ଖାଲି ଯାହା ଏ ନେଇ ପରୋକ୍ଷରେ ସୂଚନା ମିଳିଛି। ଏ ବିଷୟରେ ସାରା କହନ୍ତି, ''ସୂରଜ ସାର୍ ଯେତେବେଳେ ଏ ନେଇ ମୋ ସହ କଥା ହେଲେ ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। କାରଣ ତାଙ୍କ ପରି ନିର୍ଦ୍ଦେଶକଙ୍କ ଅଧୀନରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଖୁବ୍ ଶୀଘ୍ର ଏ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯିବ। ଫିଲ୍ମଟିର ଟାଇଟଲ ଫାଇନାଲ ହୋଇନାହିଁ। ଏବେ ଏହାର ସ୍କ୍ରିପ୍ଟିଂ ଏବଂ କାଷ୍ଟିଂ କାମ ଚାଲୁ ରହିଛି। ମୁଁ ବେଶ୍ ଉତ୍ସୁକତାର ସହ ଏହି ସୁଯୋଗକୁ ଅପେକ୍ଷା କରି ରହିଛି।'' ସୂରଜଙ୍କର ଏହି ନୂଆ ପ୍ରୋଜେକ୍ଟରେ ଆୟୁଷ୍ମାନ ଖୁରାନା ନାୟକ ଭୂମିକାରେ ଅଭିନୟ କରିବେ। ଚଳିତ ବର୍ଷ ମାର୍ଚ୍ଚ ମାସରେ ଏହାର ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି।


ସାରା

# ସ୍ପେଶାଲ ପ୍ରସ୍ତୁତି

**ଆ**ଲିୟା ଭଟ୍ଟ ଏବେ ସ୍ପେଶାଲ ପ୍ରସ୍ତୁତିରେ ବ୍ୟସ୍ତ। ହେଲେ କ'ଣ ପାଇଁ ? କଥା କ'ଣ କି ଖୁବ ଶୀଘ୍ର ସେ ଏକ ଅନଟାଇଟଲଡ୍ ଫିଲ୍ମର ଶୁଟିଂରେ ସାମିଲ ହେବେ। ତେଣୁ ଏ ନେଇ ନିଜକୁ ଫିଟ୍ ରଖିବାକୁ ସେ ଏବେଠାରୁ ଲାଗିପଡିଛନ୍ତି। ଅନ୍ୟପକ୍ଷରେ ଯେହେତୁ ଏବେ କିଛି ଶୁଟିଂ ନାହିଁ, ତେଣୁ ନିଜ ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେବାକୁ ତାଙ୍କୁ ଯଥେଷ୍ଟ ସମୟ ମିଳିଛି। ଏ ନେଇ ଆଲିୟା କହନ୍ତି, ''ବର୍ତ୍ତମାନ ନିଜକୁ ଫିଟ୍ ରଖିବା ପାଇଁ ଟିକେ ଅଧିକ ଧ୍ୟାନ ଦେଉଛି। କାରଣ ଖୁବ୍ ଶୀଘ୍ର ମୋର ଏକ ଅନଟାଇଟଲଡ୍ ଫିଲ୍ମର ଶୁଟିଂ ଆରମ୍ଭ ହେବ। ତେଣୁ ତା'ପୂର୍ବରୁ ମୋତେ ସମ୍ପୂର୍ଣ୍ଣ ଫିଟ୍ ହେବାକୁ ପଡିବ। ବିଶେଷଭାବରେ ମତେ ମୋ ଓଜନକୁ ବାଲାନ୍ସ କରିବାକୁ ପଡ଼ିବ। ସେଥିପାଇଁ ମୁଁ କେତେକ ସ୍ପେଶାଲ ଏକ୍ସରସାଇଜ କରୁଛି ଓ ଡାଏଟିଂ ପ୍ରତି ଧ୍ୟାନ ଦେଉଛି।' ଚଳିତ ବର୍ଷ ଆଲିୟାଙ୍କ ଅଭିନୀତ 'ଆଲଫା' ରିଲିଜ ହେବ। ଗତ ବର୍ଷ ତାଙ୍କ ଅଭିନୀତ ମାତ୍ର ଗୋଟିଏ ସିନେମା 'ଜିଗ୍‌ରା' ରିଲିଜ ହୋଇଥିଲା। ଏହି ଫିଲ୍ମରେ ଆଲିୟା ଅନ୍ୟତମ ପ୍ରଯୋଜକ ଥିଲେ। ହେଲେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା।


ଆଲିଆ

# ଖୁସି ରହସ୍ୟ

**ଶୁ**ଭଶ୍ରୀ ଏବେ ବେଶ୍ ଖୁସି ଅଛନ୍ତି। କାରଣ ତାଙ୍କ ଅଭିନୀତ ନୂଆ ସିନେମା 'ରଙ୍ଗାଶୁର'ରେ ତାଙ୍କର ଫାଷ୍ଟ ଲୁକ୍ ବେଶ୍ ଭାଇରାଲ ହୋଇଛି। ମୁନ୍ ଟିଭି ମୁଭିଜ ଏବଂ ପ୍ରକାଶ ଫିଲ୍ମସର ମିଳିତ ପ୍ରଯୋଜନାରେ ଏହାକୁ ନିର୍ମାଣ କରାଯାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ସଚ୍ଚିକାନ୍ତ ଜେନା ଏବଂ ପ୍ରଶାନ୍ତ ବେହେରା। ଏଥିରେ ଶୁଭଶ୍ରୀଙ୍କ ନାୟକ ସାଜିଛନ୍ତି ଦୀପନ୍ୱିତ। ରଜ କୁଇନ୍‌ରୁ ଆରମ୍ଭ ହୋଇଥିଲା ଶୁଭଶ୍ରୀଙ୍କ ଅଭିନୟ ଯାତ୍ରା। ପ୍ରଥମ ଧାରାବାହିକ ଥିଲା ଅପରାଜିତା। ଅନେକ ଗୁଡିଏ ଧାରାବାହିକ ଓ ଟେଲି ଫିଲ୍ମରେ ମୁଖ୍ୟ ନାୟିକାଭାବେ ଅଭିନୟ କରିବା ପରେ ଏବେ ସେ ବଡ ପରଦାରେ ପାଦ ଦେଉଛନ୍ତି। ତା' ସହ ଦର୍ଶକଙ୍କଠାରୁ ଢେର ଭଲ ପାଇବା ଆଶାରେ ଅଛନ୍ତି ଏହି ଅଭିନେତ୍ରୀ। ଚିତ୍ରଟିର ସହ ପ୍ରଯୋଜନା କରିଛନ୍ତି ସୁନୀଲ ଯାଦବ ଏବଂ ପ୍ରତାପ ରାଉତ। କାହାଣୀ, ଚିତ୍ରତ୍ତୋଳନ ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡିର ସିନେମାଟୋଗ୍ରାଫର ପ୍ରତାପ ରାଉତ। ଏହାର ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଓଡ଼ିଆ ପରମ୍ପରାର ଏକ ପ୍ରାଚୀନ ଲୋକନୃତ୍ୟ ବାଘ ନାଚ ଉପରେ ଏହାର କାହାଣୀ ଆଧାରିତ। ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ ଏବଂ ସୂର୍ଯ୍ୟମୟୀ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରର କ୍ରିଏଟିଭ ହେଡ ଅଛନ୍ତି ପ୍ରଣୟ ଜେଠୀ।


ଶୁଭଶ୍ରୀ

## ପ୍ରଥମ ରୋଜଗାର

# ଏବେ ବି ଓଠରେ ହସ ଖେଳାଇଦିଏ



କଥାକାର, ଶିକ୍ଷାବିତ୍ ତଥା ପ୍ରଶାସକ **ଡ. ଯଶୋବନ୍ତ ସାମଲ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ**ର ଜନ୍ମ ଏକ ମଫସଲ ଗାଁରେ। ନିମ୍ନ ମଧ୍ୟବିତ୍ତ ପରିବାର। ବାପା ଶିକ୍ଷକ। ମଧ୍ୟବିତ୍ତ ପରିବାରର ଏକ ବିଶେଷତ୍ୱ ଯାହା ସଚରାଚର ଦୃଷ୍ଟିଗୋଚର ହୁଏ ତା'ହେଲା ସ୍ୱାଭିମାନ। ଅଭାବ ଅସୁବିଧା ଭିତରେ ଏଠି ଶିଖିବାକୁ ହୁଏ ବଞ୍ଚିବାର କଳା ଓ କୌଶଳ ଏବଂ ଧରି ରଖିବାକୁ ପଡ଼େ ଆତ୍ମସମ୍ମାନ। ଏହି ଆତ୍ମସମ୍ମାନ ଟିକକ ବୋଧହୁଏ ମଧ୍ୟବିତ୍ତର ପରିଚୟ। ୧୯୯୨ ମସିହାରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟରୁ ଏମ.ଏ., ଏମ.ଫିଲ୍. ସାରି ଫେରିଲି। ଅନ୍ୟମାନଙ୍କ ଭଳି ମୋ ଆଖିରେ ଥାଏ ଆଖିଏ ସ୍ୱପ୍ନ। ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ହୋଇଥାଏ, ସେଥିପାଇଁ ମଧ୍ୟ ମନରେ ଥାଏ ଦୃଢ଼ତା ନିଶ୍ଚୟ ସରକାରୀ କଲେଜରେ ଅଧ୍ୟାପକଟିଏ ହେବି। ଯେହେତୁ ବାପା ଶିକ୍ଷକ ଥିଲେ, ମୋ ଅବଚେତନରେ ଶିକ୍ଷାଦାନ ପାଇଁ ଥାଏ ଘୋର ଦୁର୍ବଳତା: ଶୃଙ୍ଖଳିତ ଜୀବନ, ଭବିଷ୍ୟତ ପିଢ଼ିକୁ ଗଢିବାର ଦାୟିତ୍ୱବୋଧ, ଯାହା ଅନ୍ୟ କୋଣସି ବୃତ୍ତିରେ ପ୍ରାୟ ନ ଥାଏ କହିଲେ ଚଳେ। କିନ୍ତୁ ଏ ସଂସାର ତ ମଣିଷର ଇଚ୍ଛା ଅନୁସାରେ ଚାଲୁନାହିଁ, ଯିଏ ଯାହା ଆଶା କରିବ ତତ୍କାଳ ତାହା ପ୍ରାପ୍ତି ହେବ। ବିଧିର ବିଧାନ ଥିଲା ଅଲଗା। ବିଗତ ନବେ ଦଶକରେ ଦେଶରେ ଆର୍ଥିକ ମାନ୍ଦାବସ୍ଥା ପାଇଁ ଆର୍ଥିକ କଟକଣା ସବୁ ଲାଗୁହେଲା, ସରକାରୀ ଚାକିରିରେ ଲାଗିଗଲା ନିଯୁକ୍ତି କଟକଣା। ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା, ତା'ସହିତ ସ୍ୱପ୍ନମାନେ ମଧ୍ୟ। ସୁଯୋଗ ମିଳିଲା ଏକ ବେସରକାରୀ କଲେଜରେ ଅଧ୍ୟାପନା କରିବାପାଇଁ। ଅଧ୍ୟାପନାରେ ମିଳିଲା ପ୍ରଚୁର ଆତ୍ମସନ୍ତୋଷ। ନଭେମ୍ବର ୧୯୯୨ରେ ଯେତେବେଳେ ମୁଁ ମୋର ପ୍ରଥମ ଦରମା ପାଇଲି ସେ ଅନୁଭୂତି ଥିଲା ଅବର୍ଣ୍ଣନୀୟ। ଦରମା ଥିଲା ୪୫୦ ଟଙ୍କା। ପରିମାଣ ହୁଏତ ସ୍ୱଳ୍ପ ହୋଇପାରେ, କିନ୍ତୁ କଲେଜ ଆକାଉଣ୍ଟାଣ୍ଟଠାରୁ ସେତକ ଗ୍ରହଣ କଲାବେଳେ ମୁଁ ଅନୁଭବ କରୁଥିଲି ପ୍ରକୃତରେ ଶ୍ରମର ପାଉଣା ସତେ କେତେ ମିଠା ହୋଇପାରେ ! ଏହି ୪୫୦ଟଙ୍କାରୁ ପ୍ରଥମେ ୩୦୦ ଟଙ୍କା ନେଇ ବୋଉ ହାତରେ ବଢ଼େଇଦେଲି ଅବଶିଷ୍ଟ ୧୫୦ ଟଙ୍କାକୁ ପ୍ରଥମ ଇନଷ୍ଟଲମେଣ୍ଟ ଭାବେ ଦାଖଲ କରି ହିରୋ ସାଇକେଲଟିଏ କିଣିଲି। ଯେଉଁ ସମୟରେ ମୋର କତିପୟ ବନ୍ଧୁ ଯେନତେନ ପ୍ରକାରେ ଯୋଗାଡ଼ କରି ହିରୋହୋଣ୍ଡା କିଣିଥିଲେ, ସେ ସମୟରେ ମୁଁ ଇନଷ୍ଟଲମେଣ୍ଟରେ ହିରୋ ସାଇକେଲ କିଣିବା ଭ୍ରୂକୁଞ୍ଚନର କାରଣ ହୋଇଥିଲା ବହୁ ଲୋକଙ୍କର। ଅଥଚ, ମୁଁ ଖୁସି ଥିଲି କାରଣ କାହାଠାରୁ ହାତପାତି, ଧାର ଉଧାର କରି ହିରୋହୋଣ୍ଡା ଚଢିବାଠାରୁ, ହିରୋ ସାଇକେଲରେ ଯିବାଆସିବା ମୋତେ ଦେଇଥିଲା ଅଧିକ ଆତ୍ମସନ୍ତୋଷ। ପରବର୍ତ୍ତୀ ସମୟରେ ମୁଁ ସରକାରୀ କଲେଜରେ ଅଧ୍ୟାପକ ଚାକିରି ପାଇଲି, ପ୍ରଶାସନିକ ପଦବୀରେ ଅବସ୍ଥାପିତ ହେଲି, ବେଶ୍ ଭଲ ଦରମା ମିଳିଲା, ଲେଖାଲେଖି, ଘର ସଂସାର, ବାପାବୋଉଙ୍କ ଆଶୀର୍ବାଦରୁ ଠିକ୍‌ଠାକ୍ ଚାଲିଛି। କିନ୍ତୁ ପ୍ରଥମ ମାସର ଦରମା କଥା ମନେପଡ଼ିଲେ ଆପଣାଛାଏ ଧାରେ ହସ ଓଠରେ ଖେଳେଇ ହୋଇଯାଏ।

# ସରୁନି ସପନ ପାହିଲା ରାତି, କେବେ ଆସିବ ମୋ ମନର ସାଥୀ

**ପ୍ରଶ୍ନ**–ଜଣେ ଝିଅ ସପନରେ ଆସି ମୋତେ ଆଖିରେ ଇସାରା ଦେଉଛି। ଏହି ସ୍ୱପ୍ନ ସୁନ୍ଦରୀ ସହ କେବେ ଦେଖା ହେବ ?

–ଅଶୋକ କୁମାର, କେନ୍ଦ୍ରାପଡା

**ଉତ୍ତର:** ଏବେ ସବୁ କିଛି ସପନରେ ଘଟୁଛି। ସପନ ହେଉଛି ଏକ ଅବାସ୍ତବ ଦୁନିଆ। ସେଥିରୁ କ୍ଷଣିକ ଖୁସି ମିଳେ, ଏଥିରେ ଦ୍ୱିମତ ନାହିଁ, ହେଲେ ବାସ୍ତବରେ ଯଦି ତାହା ଘଟେ ତେବେ ତାହା ଏହି ଖୁସିକୁ ଆହୁରି ଦ୍ୱିଗୁଣିତ କରିଦିଏ। 'ସରୁନି ସପନ ପାହିଲା ରାତି, କେବେ ଆସିବ ମୋ ମନର ସାଥୀ'। ଯଦି ବାସ୍ତବ ଦୁନିଆରେ ସେଭଳି ସୁନ୍ଦରୀ ସହ ମନ ଯୋଡି ପାରିବେ ତାହେଲେ ଆପଣଙ୍କର ଆଶା ପୂରଣ ହେବ। ନ ହେଲେ ଆପଣଙ୍କ ପ୍ରେମ ଏମିତି ଭାବନା ରାଇଜରେ ଘୁରି ବୁଲୁଥିବ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

–ଶରତ ନାଥ, ପୁରୀ

**ଉତ୍ତର:** ଯାହାକୁ ଏତେ ଥର ଆଇ ଲଭ୍ ୟୁ କହି ସାରିଲେଣି, ସେ ବୋଧହୁଏ ତାକୁ ତର୍ଜମା କରୁଛି। ଏହାର ଉତ୍ତର ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

–ବିକାଶ କୁମାର, ଜଗତସିଂହପୁର

**ଉତ୍ତର:** ଆପଣଙ୍କ ରଚିତ କବିତା ପ୍ରେମିକା ମଗଜରେ ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।

**ପ୍ରଶ୍ନ**–ସେ ମୋ ମନର ମାନସୀ, ମୋତେ ଦେଖି ହସି ଦେଉଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି ?

–ପ୍ରକାଶ ଦାସ, ଢ଼େଙ୍କାନାଳ


**ଉତ୍ତର:** ଆପଣଙ୍କ ମନର ମାନସୀ ଆପଣଙ୍କୁ ଦେଖି ହସି ଦେଉଛି। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ତାକୁ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ?

–ତପନ ରାଉତ, ରାଉରକେଲା

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। କେବଳ ଭଲ ପାଇଲେ ତ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି କେବଳ ନାମକୁ ମାତ୍ର ପ୍ରେମ କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।





# ଆନିମଲ୍ ଥିମ୍ ଇୟର ରିଂ



**ପାରମ୍ପରିକ ସୁନା, ରୁପା, ହୀରାର ଗହଣା ପିନ୍ଧିବାକୁ ସବୁ ନାରୀ ଭଲ ପାଉଥିବାବେଳେ କେହିକେହି କିଛି ଭିନ୍ନ ଓ ଟ୍ରେଣ୍ଡି ଗହଣା ପିନ୍ଧିବାକୁ ବି ପସନ୍ଦ କରନ୍ତି । ସେଥିପାଇଁ ତ ନାନା ପ୍ରକାରର ଟ୍ରେଣ୍ଡି ଗହଣା ବଜାରରେ ମିଳେ। ତା' ମଧ୍ୟରେ ଆନିମଲ୍ ଥିମ୍‌ର ଇୟର ରିଂ ଅନ୍ୟତମ। ଏହା ଦେଖିବାକୁ କିଛିଟା କ୍ୟୁଟ୍ ହୋଇଥିବାବେଳେ କିଛିଟା ଅଜବ ବି। ଯେମିତିକି ଏଇସବୁ ଆନିମଲ ଥିମ୍ ଇୟର ରିଂ...**





**କ୍ୟାଟ ଇୟର ରିଂ:** କ୍ୟାଟ୍ ଇୟର ରିଂ ବେଶ୍ ୟୁନିକ୍ ଓ କ୍ୟୁଟ୍। ସେ ବ୍ଲାକ୍‌କ୍ୟାଟ୍‌ର ଷ୍ଟଡ୍ ଇୟର ରିଂ ହେଉ କି ଡାଙ୍ଗଲିଂ କ୍ୟାଟ୍ ଇୟରିଂ, ଉଭୟ ବହୁତ ଟ୍ରେଣ୍ଡି ଲାଗେ। ମଡର୍ନ ଡ୍ରେସ୍ ସହ ଏହାକୁ ପେୟାର କଲେ ଭଲ ମାନିଥାଏ। କାଜୁଆଲ ଜିନ୍ସ ଟପ୍ସ ସହ ବି ଏହାକୁ ପିନ୍ଧି ପାରିବେ।

**ଇନସେକ୍ଟ ଇୟର ରିଂ:** ଝିଣ୍ଟିକା, କଙ୍କି ସହ ଆହୁରି ଅନେକ ପ୍ରକାରର ଇନସେକ୍ଟ ବା କୀଟପତଙ୍ଗ  ଡିଜାଇନ୍‌ର ଇୟର ରିଂ ବି ଅଛି। ଯାହାକୁ ଦେଖି ଅନେକେ ଘୃଣା ଅବା ଭୟ କରିପାରନ୍ତି। ତଥାପି କେତେଜଣ ସାହସୀ ମହିଳା ଅଛନ୍ତି ଯେଉଁମାନେ ଏହାକୁ ପିନ୍ଧୁଛନ୍ତି।

**କାନକୁ କାମୁଡ଼ି ଝୁଲି ରହିଥିବା ପ୍ରାଣୀର ଇୟର ରିଂ:** ଏହି ଇୟର ରିଂ ଦେଖିବାକୁ କୁନି କୁନି ଗଣ୍ଡା, କୁକୁର ଓ ଡାଇନୋସର ପରି। ଯେବେ ଏହାକୁ କାନରେ ପିନ୍ଧାଯାଏ ଲାଗେ ସତେ ଯେମିତି ଏସବୁ କାନକୁ କାମୁଡ଼ିକି ଝୁଲି ରହିଛନ୍ତି। ଯାହା କି ବେଶ୍ କ୍ୟୁଟ୍ ଲାଗେ।

**ବାର୍ଡ ଇୟର ରିଂ:** ସେ ହମିଂବାର୍ଡ ହେଉ କି ଶୁଆ ଅବା ଅନ୍ୟ କୌଣସି ସୁନ୍ଦର ପକ୍ଷୀର ଇୟର ରିଂ, ତାହା ବି ବହୁତ କ୍ୟୁଟ୍ ଲାଗେ। ଫଙ୍କି ଲୁକ୍ ଚାହୁଁଥିଲେ ଏହି ଇୟର ରିଂ ବାଛିପାରିବେ। ଏହାବାଦ୍ ସୁନା, ରୁପାରେ ବି ପକ୍ଷୀର ଇୟର ରିଂ ମିଳେ। ଏହାକୁ ଟ୍ରାଡିଶନାଲ ଓ ମଡର୍ନ ଉଭୟ ପୋଷାକରେ ପିନ୍ଧିହେବ।


**ସ୍ନେକ ଇୟର ରିଂ:** କିଛି ଡିଫରେଣ୍ଟ ଆଉ ଫଙ୍କି ଲୁକ୍ ଚାହୁଁଥିଲେ ମେଟାଲର ସ୍ନେକ ଇୟର ରିଂ ବାଛିପାରିବେ। ୱେଷ୍ଟର୍ନ ଡ୍ରେସ୍ ସହ ଏହାକୁ ପେୟାର କରିପାରିବେ। ଖାସ୍‌କରି ବ୍ଲାକ୍ କଲର୍‌ର ୱେଷ୍ଟର୍ନ ଡ୍ରେସ୍ ସହ ଏହି ଇୟର ରିଂ ବେଶି ଭଲ ଲାଗିଥାଏ। ହେଲେ ଯେଉଁମାନେ ସାପକୁ ଡରନ୍ତି ସେମାନେ ହୁଏତ ଏହାଠୁ ଦୂରେଇ ରହିବେ।

**ବଟରଫ୍ଲାଏ ଇୟର ରିଂ:** ଏହାର ଉଭୟ ଷ୍ଟଡ୍ ଓ ଡାଙ୍ଗଲିଂ ଡିଜାଇନ୍ ଉପଲବ୍ଧ ହୁଏ।  ଜିନ୍ସ ଓ ଟି-ଶାର୍ଟ ସହ ଏହାର ରଙ୍ଗିନ ଷ୍ଟଡ୍ ଇୟର ରିଂ ଖୁବ୍ ମାନିଥାଏ। ଆଉ ଲୁକ୍ ଭାରି କ୍ୟୁଟ୍ ଲାଗେ। ସାଲୱାର ସହ ଡାଙ୍ଗଲିଂ ଇୟର ରିଂ ଭଲ ଦେଖାଯାଏ।

**ସ୍ପାଇଡର ଇୟର ରିଂ:** ଏହି ଇୟର ରିଂକୁ ପିନ୍ଧିଲେ ଲାଗିବ ସତେ ଯେମିତି ଏକ କଳା ବୁଢ଼ିଆଣୀ କାନ ଭିତରକୁ ପଶିବାକୁ ଯାଉଛି। ଅନେକଙ୍କୁ ଏହା ଡର ବି ଲାଗିପାରେ। ତଥାପି ଯେଉଁମାନେ ସବୁବେଳେ ଅଡ୍ ଲୁକ୍ ପସନ୍ଦ କରନ୍ତି ସେମାନେ ଏହାକୁ ଟ୍ରାଏ କରିପାରିବେ।












# ହାଃ ହାଃ

## ସିଂହ

ଚିଣ୍ଟୁ ସବୁବେଳେ ସ୍କୁଲ ବସ୍ ମିସ୍ କରେ ଓ ଲେଟ୍‌ରେ ପହଞ୍ଚେ । ଏହା ଦେଖି ମିସ୍: ଚିଣ୍ଟୁ ତୁ ସବୁଦିନ ବସ୍‌ରେ ପିଲାଙ୍କ ସହ ମିଶିକି ନ ଆସି ପଛରେ ଏକୁଟିଆ କ'ଣ ପାଇଁ ଆସୁଛୁ ?
ଚିଣ୍ଟୁ: କାହିଁକି ନା, ମେଣ୍ଢାମାନେ ସବୁବେଳେ ଗୋଠରେ ଆସନ୍ତି । ସିଂହ ନୁହେଁ ।

## ଆଗକୁ ଯିବନି


ଦୁଇ ସାଙ୍ଗ ବୁଲିବାକୁ ଯାଇଥାନ୍ତି । ବାଟରେ କାର୍‌ର ପେଟ୍ରୋଲ ସରିଗଲା ।
ପ୍ରଥମ ସାଙ୍ଗ: ଆରେ ସାଙ୍ଗ ପେଟ୍ରୋଲ ସରିଗଲାରେ । ଗାଡି ଆଉ ଆଗକୁ ଯିବନି ।
ଦ୍ୱିତୀୟ ସାଙ୍ଗ: ହଉ, ଠିକ୍ ଅଛି । ତା'ହେଲେ ଗୋଟେ କାମ କର, ଗାଡିର ରିଭର୍ସ ଗିୟର୍ ପକା । ଆଉ ପଛୁଆ ପଛୁଆ ଘରକୁ ଚାଲ ।


## ସୂର୍ଯ୍ୟ

ଗୋପୀ: କାଲି ମୁଁ ଗୋଟେ ରକେଟ୍ ଛାଡ଼ିଲି ଯେ, ସିଧା ଯାଇ ସୂର୍ଯ୍ୟ ଦେହରେ ବାଜିଲା ।
ମନୋଜ: ତା'ପରେ କ'ଣ ହେଲା ?
ଗୋପୀ: ନିର୍ଘୁମ ମାଡ଼ ।
ମନୋଜ: କିଏ ମାରିଲା ?
ଗୋପୀ: ସୂର୍ଯ୍ୟର ମା' ।


ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧,

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।






# ପ୍ରାଚୀନ ତୀର୍ଥସ୍ଥଳୀ ଗଲତାଜୀ



**ରାଜସ୍ଥାନର ଜୟପୁରଠାରୁ ମାତ୍ର ୧୦ କି.ମି ଦୂରରେ ରହିଛି ଏକ ପ୍ରାଚୀନ ତୀର୍ଥସ୍ଥଳୀ; ଯାହା ଗଲତାଜୀ ନାମରେ ବେଶ୍ ପରିଚିତ। ପର୍ଯ୍ୟଟକ ଏହି ସ୍ଥାନରେ ପ୍ରକୃତିର ଅପୂର୍ବ ଶୋଭାରାଜିକୁ ଉପଭୋଗ କରିବା ସହ ପାହାଡଦ୍ୱାରା ଘେରି ହୋଇ ରହିଥିବା ଏକାଧିକ ମନ୍ଦିର, ପବିତ୍ର ଜଳକୁଣ୍ଡମାନ ଦେଖିବାର ସୁଯୋଗ ପାଇପାରିବେ...**

ଗଲତାଜୀ ହେଉଛି ରାଜସ୍ଥାନର ଏପରି ଏକ ତୀର୍ଥସ୍ଥଳୀ ; ଯେଉଁଠାରେ ପର୍ଯ୍ୟଟକ ଆଧାତ୍ମିକ ପରିବେଶ ଭିତରେ ବେଶ୍ କିଛି ସମୟ କଟାଇ ଶାନ୍ତି ଅନୁଭବ କରିପାରିବେ। ଏହି ସ୍ଥାନଟି ରାଜସ୍ଥାନର ଜୟପୁରଠାରୁ ପ୍ରାୟ ୧୦ କି.ମି ଦୂରରେ ଥିବା ଅରାବଲୀ ପର୍ବତମାଳା ନିକଟରେ ଦେଖାଯାଏ। ଏହି ଭବ୍ୟ ଧାର୍ମିକସ୍ଥଳୀ ଭିତରେ ବହୁ ଦେବାଦେବୀ ଯେମିତିକି ସୀତାରାମଙ୍କ ମନ୍ଦିର, ପ୍ରଭୁ କୃଷ୍ଣ, ପ୍ରଭୁ ହନୁମାନ ତଥା ସୂର୍ଯ୍ୟ ମନ୍ଦିର ଥିବାର ଦେଖିବାକୁ ମିଳେ। କିନ୍ତୁ ଏହି ସ୍ଥଳୀକୁ ଆସିଲେ ହଠାତ୍ କେହି ଜାଣିପାରିବେ ନାହିଁ ଯେ, ଏଠାରେ କୌଣସି ମନ୍ଦିର ଥାଇପାରେ ବୋଲି। କାରଣ ଏହି ସ୍ଥଳୀର ନିର୍ମାଣ ଶୈଳୀ ହିଁ କିଛି ଭିନ୍ନ ଢଙ୍ଗରେ କରାଯାଇଛି।



**ଗଠନଶୈଳୀ:** ଗଲତାଜୀ ଧାର୍ମିକପୀଠର ନିର୍ମାଣ କୁଆଡ଼େ ପ୍ରାଗ୍ ଐତିହାସିକ କାଳରେ ହୋଇଥିବା ଅନୁମାନ କରାଯାଏ ;ଯାହାର ନିର୍ମାଣଶୈଳୀକୁ ଦେଖିଲେ ଲାଗେ, ସତେ ଯେମିତି ଏହା କୌଣସି ରାଜାଙ୍କର ରାଜମହଲ। କିନ୍ତୁ ପ୍ରକୃତରେ ଏହା ରାଜମହଲ ନୁହେଁ, ବରଂ କୌଣସି ଏକ ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଏକ ଧାର୍ମିକପୀଠ ; ଯେଉଁଠାରେ ଭକ୍ତଗଣ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ବୁଲି ଦେଖିବା ସହ ଏଠାରେ ଥିବା ପବିତ୍ର ଜଳକୁଣ୍ଡରେ ସ୍ନାନ କରି ମୋକ୍ଷ ପ୍ରାପ୍ତି କରିପାରିବେ। ତେବେ ସବୁଠାରୁ ଯାହା ଆଶ୍ଚର୍ଯ୍ୟ ଲାଗେ, ତାହା ହେଲା ପାହାଡ଼କୁ କାଟି କାଟି ସୁନ୍ଦର ଭାବେ କରାଯାଇଥିବା ଏହି ଧାର୍ମିକପୀଠର ଅପୂର୍ବ ନିର୍ମାଣଶୈଳୀ। ପର୍ଯ୍ୟଟକ ଏଠାରେ ଉଚ୍ଚ ଉଚ୍ଚ ପାହାଡ ଦେଖିବା ସହ ସବୁଜ ବନାନୀର ଅପୂର୍ବ ଦୃଶ୍ୟକୁ ମଧ୍ୟ ଉପଭୋଗ କରିପାରିବେ। ତା'ସହିତ ଏଠାକାର କିଛି ପାହାଡରୁ ଝରି ଆସୁଥିବା ଝରଣାର ଶୋଭାକୁ ବି ଦେଖିପାରିବେ ; ଯାହାର ଜଳ ବୋହିଯାଇ ଏଠାରେ ଥିବା ୭ଟି ପବିତ୍ର ଜଳକୁଣ୍ଡରେ ମିଶି ପବିତ୍ର ହୋଇଯାଏ। ଆଉ ସେହି ଜଳକୁ ଛୁଇଁହେଲେ କିମ୍ବା ସେଥିରେ ସ୍ନାନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏଠାରେ ଏକ ଗାୟତ୍ରୀ କୁଣ୍ଡ ବି ରହିଛି ; ଯାହାର ଜଳକୁ ଛୁଇଁ ହେଲେ ବିଭିନ୍ନ ରୋଗବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି।

**ଲୋକକଥା:** ଲୋକକଥା ଅନୁଯାୟୀ, ଏହି ସ୍ଥାନରେ କୁଆଡ଼େ ଗାଲବ ନାମକ ଜଣେ ସନ୍ଥ ପ୍ରାୟ ୧୦୦ ବର୍ଷ ଧରି ଘୋର୍ ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଦେବତାଗଣ ତାଙ୍କୁ ଅଶୀର୍ବାଦ କରିବା ସହ ଏଠାରେ ତାଙ୍କ ପାଇଁ ଜଳର ସୁବିଧା କରାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଏକଥା ପ୍ରଚାର ହେବା ପରେ ଉକ୍ତ ସନ୍ଥଙ୍କ ଉଦ୍ଦେଶ୍ୟରେ ଜନୈକ ରାଜା ଏହି ତୀର୍ଥକ୍ଷେତ୍ରର ନିର୍ମାଣ କରାଇଥିବା ବିଶ୍ୱାସ କରାଯାଏ।


**ଏଠି ଜମେ ମାଙ୍କଡ଼ଙ୍କ ଭିଡ଼:** ଏହି ତୀର୍ଥକ୍ଷେତ୍ରର ଆଉ ଏକ ଆକର୍ଷଣ ହେଉଛି ଏଠାରେ ରହୁଥିବା ଶହ ଶହ ମାଙ୍କଡ଼ ; ଯେଉଁମାନେ ପର୍ଯ୍ୟଟକଙ୍କୁ କିଛି ବି ହଇରାଣ କରନ୍ତି ନାହିଁ। ଯେଉଁଥିପାଇଁ ପର୍ଯ୍ୟଟକ ଏଠାରେ ବେଶ୍ ଆରାମରେ ବୁଲିପାରନ୍ତି। ଆଉ ବେଶ୍ ଖୁସିରେ ମାଙ୍କଡ଼ଙ୍କୁ ଖାଇବାକୁ ଦେଇପାରନ୍ତି।

**କେଉଁ ସମୟରେ ଯିବେ:** ବିଭିନ୍ନ ପର୍ବପର୍ବାଣୀ ସମୟରେ ଏଠାରେ ଭକ୍ତଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ମକର ସଂକ୍ରାନ୍ତି ହେଉଛି ଏଠାକାର ଏକ ମୁଖ୍ୟ ପର୍ବ ; ଯେଉଁ ସମୟରେ ଏଠାରେ ବିଶେଷ ପୂଜାର ଆୟୋଜନ କରାଯାଇଥାଏ।

**କେମିତି ଯିବେ:** ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ଜୟପୁରରେ ପହଁଞ୍ଚି, ସେଠାରୁ କ୍ୟାବ୍ କିମ୍ବା ଟ୍ୟାକ୍ସି ଯୋଗେ ଯାଇ ଅରାବଲୀ ପର୍ବତମାଳା ନିକଟରେ ପହଁଞ୍ଚିବାକୁ ହୁଏ। ତା'ପରେ ଚାଲିଚାଲି ପାହାଡ ଅତିକ୍ରମ କରିବାକୁ ପଡ଼େ। କାରଣ ଏହି ତୀର୍ଥକ୍ଷେତ୍ରକୁ ଚତୁଃପାର୍ଶ୍ୱରୁ ପାହାଡ ଘେରି ହୋଇ ରହିଛି। ପର୍ଯ୍ୟଟକଙ୍କ ଦର୍ଶନ ନିମନ୍ତେ ଏହି ମନ୍ଦିର ପରିସର ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଯାଏଁ ଖୋଲା ରହିଥାଏ।

**କ'ଣ ଖାଇବେ:** ଏହି ତୀର୍ଥକ୍ଷେତ୍ରକୁ ବୁଲିଯିବା ହୁଏତ କଷ୍ଟକର ବ୍ୟାପାର ହୋଇପାରେ, କିନ୍ତୁ ଜୟପୁରର ଲୋକପ୍ରିୟ ଦାଲ୍ ବାଟି ଚୁର୍ମା, କିମା ବାଟି, କୁଲ୍ଫି ତଥା ପ୍ୟାଜ୍ କଚୋରୀ ଖାଇବାର ମଜା ବେଶ୍ ନିଆରା ଲାଗେ।





# କେଶ ଝଡ଼େ ସିନା, ନିଶ ଦାଢ଼ି କାହିଁକି ଝଡ଼େନା



**କେଶ ଝଡ଼ିବା ଏବେ ଏକ ସାଧାରଣ ସମସ୍ୟା । ହେଲେ କେବେ ଭାବିଛନ୍ତି କି କେଶ ସିନା ଝଡେ ହେଲେ ନିଶ ଦାଢି ଓ ଶରୀରର ଲୋମ କାହିଁକି ଝଡ଼ି ନ ଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

**କେ**ଶ ଝଡ଼ିବା ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ଯାହାକୁ ଦେଖିବ ସେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ହେଲେ କେବେ ଭାବିଛନ୍ତି କି କେଶ ସିନା ଝଡ଼େ ହେଲେ ନିଶ ଦାଢ଼ି ଓ ଶରୀରର ଲୋମ ଝଡ଼ି ନ ଥାଏ କାହିଁକି ?


କେଶ ଝଡ଼ିବା ଏବଂ ନିଶ ଦାଢ଼ି ଓ ଶରୀରର ଲୋମ ନ ଝଡ଼ିବା ହରମୋନର ଫରକ ଯୋଗୁ ହୋଇଥାଏ । କେଶ ଉପରେ ମୁଖ୍ୟତଃ ଡିଏଚ୍‌ଟି (ଡାୟହାଇଡ୍ରୋଟେଷ୍ଟୋଷ୍ଟେରୋନ୍)ନାମକ ହରମୋନ୍‌ର ପ୍ରଭାବ ପଡ଼ିଥାଏ । ହେୟାର ଫଲିକଲ୍‌ସରେ ଏହାର ମାତ୍ରାଧିକ ବୃଦ୍ଧି ଅବା ବହୁ କମ୍ ମାତ୍ରାର ବୃଦ୍ଧି ଯୋଗୁ ହେୟାର ଫଲିକଲ୍‌ଗୁଡ଼ିକ ସଙ୍କୁଚିତ ହୋଇଯାଏ । ତା'ସହ କେଶ ବୃଦ୍ଧିର ସାଇକେଲ ଛୋଟ ହେଇଯାଏ ଓ କେଶର ମୂଳ ଦୁର୍ବଳ ହୋଇଯାଏ । ତେଣୁ କେଶ ଝଡ଼ିଥାଏ । ହେଲେ ନିଶ, ଦାଢ଼ି ଓ ଶରୀରର ଲୋମ ଉପରେ ଟେଷ୍ଟୋଷ୍ଟେରୋନ୍‌ର ପ୍ରଭାବ ପଡ଼ିଥାଏ, ଯାହାକି ଏହି ଲୋମ ଗୁଡ଼ିକୁ ବଢିବାରେ ସାହାଯ୍ୟ କରିଥାଏ ଏବଂ ତାକୁ ଝଡ଼ିବାକୁ ଦିଏନା । ଏହିଭଳି ଭାବେ ହରମୋନର ଫରକ୍ ମୁଣ୍ଡ ଓ ଶରୀର ଲୋମର ବ୍ୟବହାରରେ ଫରକ ଆଣିଥାଏ ।


ଏହା ବାଦ୍ ଶରୀର ଲୋମର ବୃଦ୍ଧି ଓ ଝଡ଼ିବାର ପ୍ରକ୍ରିୟା ଜିନ୍ ଦ୍ୱାରା ମଧ୍ୟ ନିୟନ୍ତ୍ରିତ ହୋଇଥାଏ । ମୁଣ୍ଡର କେଶ ଝଡ଼ିବା ଓ ପତଳା ହୋଇଯିବା ସାଧାରଣତଃ ଏଣ୍ଡ୍ରୋଜେନେଟିକ୍ ଏଲୋପେସିୟା ତଥା ଆନୁବଂଶିକ ଚନ୍ଦାପଣ କାରଣରୁ ବି ହୋଇଥାଏ । ଯାହାକି ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଘଟିଥାଏ । ଏହି ସ୍ଥିତି ଖାସ୍ କରି ମୁଣ୍ଡର କେଶ ପାଇଁ ଦାୟୀ ହୋଇଥାଏ ।

ଅନ୍ୟପକ୍ଷେ ନିଶ, ଦାଢ଼ି ଓ ଶରୀର ଲୋମର ବିକାଶର ସଂରଚନା ଭିନ୍ନ ଭିନ୍ନ ହୋଇଥାଏ । ଯାହାକି ସାଧାରଣତଃ ଆନୁବଂଶିକ ରୂପରେ ନିର୍ଦ୍ଧାରିତ ହୋଇଥାଏ । ଏହି କାରଣରୁ ମଧ୍ୟ ଶରୀରର ଲୋମ ଝଡ଼ିବା ବା ପତଳା ହେବା ମୁଣ୍ଡର କେଶଠାରୁ କମ୍ ହୋଇଥାଏ ।

ଶରୀର ଲୋମ ବୃଦ୍ଧିର ଚକ୍ର, କେଶ ବୃଦ୍ଧିର ଚକ୍ରଠାରୁ ଭିନ୍ନ ହୋଇଥାଏ । କେଶ ବୃଦ୍ଧିର ଚକ୍ର ଲମ୍ବା ହୋଇଥାଏ । କିନ୍ତୁ ଶରୀରର ଲୋମ ବୃଦ୍ଧିର ଚକ୍ର  ଛୋଟ ହୋଇଥାଏ । କେଶ ଝଡ଼ିବା ସାଧାରଣତଃ ସେହି ଚକ୍ରର ଟେଲୋଜେନ ସୋପାନରେ ହୋଇଥାଏ । ଅର୍ଥାତ୍ ଯେଉଁଠି କେଶ ବୃଦ୍ଧି ଅଟକିଯାଏ, ସେଇଠି କେଶ ଝଡ଼ିବା ଆରମ୍ଭ ହୁଏ । ଅନ୍ୟପକ୍ଷେ ଶରୀରର ଲୋମବୃଦ୍ଧିର ଚକ୍ର ଛୋଟ ହୋଇଥିବା ଯୋଗୁ ଏହା ବହୁତ କମ୍ ଝଡ଼ିଥାଏ । ଆଉ ଏହା ସାଧାରଣତଃ ନୂଆ ଲୋମ  ଦ୍ୱାରା ବଦଳିଥାଏ ।

ଏସବୁବାଦ୍ ମୁଣ୍ଡର କେଶ ଆଜିକାଲି ଅତ୍ୟଧିକ ଚାପ ଓ ଅବ୍ୟବସ୍ଥିତ ଜୀବନ ଶୈଳୀ କାରଣରୁ ବି ଝଡୁଛି ।







# ହ୍ୟାରୀ ପୋଟର୍ ଚୁଡେଲ୍

**ଯେ**ଉଁମାନେ ହ୍ୟାରୀ ପୋଟର୍ ଚଳଚ୍ଚିତ୍ର ଦେଖିଛନ୍ତି ଅବା ହ୍ୟାରୀ ପୋଟର୍ ପୁସ୍ତକ ପଢିଛନ୍ତି ସେମାନେ ଜାଣିଥିବେ ହ୍ୟାରୀ ପୋଟର୍ କିଭଳି ଏକ ଝାଡୁ ଉପରେ ବସି ଉଡେ । କାହାଣୀରେ ସେ ଝାଡୁରେ ବସି ଉଡ଼ି ଉଡ଼ି ଯାଦୁ ବଲ୍‌ରେ ବି ଖେଳେ । ଏହାବାଦ ଅନେକ କାଳ୍ପନିକ ଚଳଚ୍ଚିତ୍ରରେ ଚୁଡେଲଙ୍କୁ ବି ଯାଦୁ ଝାଡୁରେ ବସି ଉଡୁଥିବାର ଦେଖାଯାଇଛି । ତେବେ ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ କି ଜଣେ ଯୁବତୀ ଚୁଡେଲ୍ ବେଶ ହୋଇ ଏକ ଲମ୍ଵା ହ୍ୟାଣ୍ଡେଲ ଥିବା ଝାଡୁ ଉପରେ ବସି ଉଡୁଛନ୍ତି । ସେ ଏହି ଝାଡୁର ଲମ୍ବା ହ୍ୟାଣ୍ଡେଲର ସାମ୍ନା ଭାଗରେ କଳା ବିଲେଇର ଟେଡି ବି ଲଗାଇଛନ୍ତି । ତେବେ ଏହି ଝାଡୁ ଯାଦୁ ବଳରେ ନୁହେଁ ବରଂ ପାରାଗ୍ଲାଇଡିଂ ମାଧ୍ୟମରେ ଉଡୁଛି । ଚୁଡେଲ ବେଶରେ ଥିବା ଏହି ଯୁବତୀଙ୍କ ନାମ ହେଉଛି ଓ୍ୱାଣ୍ଡି ଓ୍ୱାଙ୍ଗ । ସେ ବେଶ୍ ମଜାରେ ପାରାଗ୍ଲାଇଡିଂ ମାଧ୍ୟମରେ ଏକ ଝାଡୁରେ ବସି ଉଡୁଛନ୍ତି । ଯାହାକୁ ଦେଖି ଅନେକେ କହିଛନ୍ତି ସତରେ ଓ୍ୱାଙ୍ଗ ଭାରି ସାହସୀ । ଅନେକେ ଏହାବି କହିଛନ୍ତି ଯେ, ଅନେକଙ୍କର ସ୍ୱପ୍ନ ହେଉଛି କାହାଣୀର ଚୁଡେଲ ଭଳି ଝାଡୁରେ ବସି ଉଡ଼ିବା, ହେଲେ ଏ ସ୍ୱପ୍ନ କେହି ସତ କରିପାରନ୍ତି ନାହିଁ । ଯାହାକୁ କେବଳ ଓ୍ୱାଙ୍ଗ ହିଁ ସତ କରିପାରିଛନ୍ତି ।











## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଏ ତ କଳିକାଳ ରୀତି ବିପରୀତ ଭାଇରେ...




ନବବର୍ଷର ଅଭିନନ୍ଦନ ଶୁଭେଚ୍ଛା ବାର୍ତ୍ତା ସେମାନଙ୍କଠାରୁ ମଧ୍ୟ ଆସେ, ଯେଉଁମାନେ ପ୍ରତିଦିନ ସକାଳ ହେଲେ ମୋ ଶୁଭମନାସି ମୋତେ ଶୁଭେଚ୍ଛା ବାର୍ତ୍ତା ପଠାନ୍ତି । ଗତବର୍ଷ ନବବର୍ଷର ଅଭିନନ୍ଦନ ଜଣେଇଥିବା ଲୋକ ଏ ବର୍ଷ ବି ଜଣେଇଛନ୍ତି । ତିନିଦିନ ତଳେ ଆମାଜନ୍‌ର ପାର୍ସଲ ନେଇଆସିଥିବା ଡେଲିଭରି ବୟ ବି ଶୁଭେଚ୍ଛା ବାର୍ତ୍ତା ପଠେଇଛି। ମୋତେ ଆଉ ଅଧିକ ବାକି ଦେବାକୁ ମନା କରିଦେଇଥିବା ସଉଦା ଦୋକାନୀ ଶୁଭେଚ୍ଛା ବାର୍ତ୍ତା ପଠେଇଛି। ମୋ ଲେଖା ପ୍ରକାଶଯୋଗ୍ୟ ନୁହେଁ ବୋଲି କହୁଥିବା ସମ୍ପାଦକଙ୍କଠାରୁ ମଧ୍ୟ ଶୁଭେଚ୍ଛା ଆସିଛି । ଗତ ନବବର୍ଷରେ ଏକ ଦୀର୍ଘ ସୁନ୍ଦରିଆ ଭିଡିଓ ପଠେଇଥିବା ମୋ ସ୍କୁଲ ସାଙ୍ଗ ବର୍ଷେ ପରେ ମୋତେ ମନେପକେଇ ଏ ବର୍ଷ ଗୋଟେ ଭିଡିଓ ବାର୍ତ୍ତା ପଠେଇଛି । ଏତେ ସଂଖ୍ୟକ ଲୋକ ମୋର ଶୁଭମନାସୁ ଥିଲେ ବି ମୋର ସେମିତି କିଛି ଆଖିଦୃର୍ଶିଆ ପରିବର୍ତ୍ତନ ହୋଇନି କେବଳ ବୟସ ଛଡା। ବୟସ ବଢିଛି, ଦରଦାମ ବଢିଛି, ବ୍ୟାଙ୍କ ଋଣ ସୁଧ ହାର ବଢିଛି। ଖର୍ଚ୍ଚ ବଢିଛି। ଖଟଣି ବଢିଛି । ଚଷମା କାଚର ପାୱାର ବଢିଛି। ଜୀବନରେ ଅନିଶ୍ଚିତତା ବି ବଢିଛି । ଡିସେମ୍ବର ଏକତିରିଶ ଓ ଜାନୁଆରୀ ଏକ ତାରିଖ ଭିତରେ ସେମିତି କିଛି ପ୍ରଭେଦ ମୁଁ ଅନୁଭବ କରୁନି। ବର୍ଷ କିମ୍ବା କ୍ୟାଲେଣ୍ଡର ବଦଳିଲେ ଯେ ଭାଗ୍ୟ ବଦଳିବ ସେ ଧାରଣା ବି ମୋର ନାହିଁ । ଯେମିତି କି ଜାନୁଆରୀ ଛବିଶ ତାରିଖରେ ଆସୁଥିବା 'ମେରା ଦେଶ ମହାନ୍' ବାର୍ତ୍ତା ସହ ବାସ୍ତବରେ ଦେଶପ୍ରେମର କିଛି ସମ୍ପର୍କ ନ ଥାଏ ସେମିତି ନୂଆବର୍ଷ ଦିନ ଆସୁଥିବା ଶୁଭେଚ୍ଛା ବାର୍ତ୍ତା ସହ ଭାଗ୍ୟ ପରିବର୍ତ୍ତନର କିଛି ସମ୍ପର୍କ ନାହିଁ। ଯଦି ସୁଖ ସମୃଦ୍ଧିର ଶୁଭେଚ୍ଛା ଦ୍ୱାରା ସତରେ କାହାର ସମୃଦ୍ଧି ହେଉଥାନ୍ତା ତେବେ ଈର୍ଷାଳୁ ଓ ସ୍ୱାର୍ଥୀ ମଣିଷ ଶୁଭେଚ୍ଛା ଜଣେଇବା ପୂର୍ବରୁ ଦୁଇଥର ଚିନ୍ତା କରନ୍ତେ। ବର୍ଷ ବର୍ଷ ଧରି ପିଲାମାନେ 'ସତ କହିବାକୁ କିଆଁ ଡରିବି ସତ କହି ପଛେ ମଲେ ମରିବି' ପ୍ରାର୍ଥନା ବୋଲୁଥିଲେ ବି ଏଠି ସତ୍ୟବାନମାନଙ୍କ ସଂଖ୍ୟା ଖୁବ୍ ନଗଣ୍ୟ।

ମୋତେ ଆସୁଥିବା ଅସଂଖ୍ୟ ଶୁଭେଚ୍ଛା ବାର୍ତ୍ତା ମଧ୍ୟରୁ ଯଦି କୌଣସି ଗୋଟେ ବି ଶୁଭକାମନା ସତ ହୁଅନ୍ତା ତେବେ ମୁଁ କେବେଠୁ ଦେଶର ଶ୍ରେଷ୍ଠ ଧନୀ ହୋଇସାରନ୍ତିଣି । ବେଳେବେଳେ ଲାଗେ ଆସୁଥିବା ଏଭଳି ବାର୍ତ୍ତା ମୋ ପ୍ରତି ଉପହାସ କରୁନାହାନ୍ତି ତ। କାରଣ କିଶୋର ଅବସ୍ଥାରୁ ମୋ ଭିତରେ ପ୍ରତ୍ୟୟ ଜାତ ହୋଇସାରିଛି ଯେ ଅଙ୍ଗାରକୁ ଯେତେ ମାଜିଲେ ବି ସେଇ କଳା ଭଳି ଯିଏ ଯେତେ ଶୁଭ ମନାସିଲେ ବି ମୋର ଭାଗ୍ୟ ପରିବର୍ତ୍ତନ ହେବାର ନାହିଁ। 'ଏ ବର୍ଷଟି ଆପଣଙ୍କ ପାଇଁ ଶୁଭଙ୍କର ହେଉ, ଧନ ଜନ ଗୋପ ଲକ୍ଷ୍ମୀରେ ଭରି ରହୁ' ଭଳି ଆସୁଥିବା ଅବାସ୍ତବ ଶୁଭେଚ୍ଛା ବାର୍ତ୍ତା ସବୁ ଦେଖିବାକୁ ଆଉ ଆଗ୍ରହ ନାହିଁ । ଆମ ଭଳି ଲୋକମାନେ ସ୍ୱପ୍ନ ଦେଖନ୍ତି ନାହିଁ ଆମକୁ ଦେଖେଇ ଦିଆଯାଏ । ଆମ ଅବସ୍ଥା ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନ ଭଳି ; ଯାହା ପରଷା ଯାଉଛି ତାକୁ ଖାଇ କୃତ୍ୟ କୃତ୍ୟ ହେବାକୁ ବାଧ୍ୟ। ଦେଶର ଭାଗ୍ୟବିଧାତା ବୋଲାଉଥିବା ନେତା ଓ ଶିଳ୍ପପତି ଆମକୁ ଯେଉଁ ସ୍ୱପ୍ନ ଦେଖାନ୍ତି ଆମେ ସେଇ ସ୍ୱପ୍ନ ଦେଖି ଖୁସି ହେଇଯାଉ ।

ଆମ ନୂଆବର୍ଷ ସଂକଳ୍ପ ମଧ୍ୟ ସେଇ ସ୍ୱପ୍ନ ଆଧାରରେ ତିଆରି ହୁଏ। ନିର୍ବାଚନ ପ୍ରତିଶ୍ରୁତି ଭଳି ସ୍ୱପ୍ନ ସବୁ ସ୍ୱପ୍ନରେ ରହିଯାଏ। ସଂକଳ୍ପ ଭାଙ୍ଗେ। ପୁଣି ଆର ନୂଆବର୍ଷ ପୂର୍ବରୁ ସେମାନେ ନୂଆ ସ୍ୱପ୍ନ ଦେଖନ୍ତି। ଆମେ ପୁଣି କିଛି ଦିନ ଖୁସି ହେଇଯାଉ। ଅସଲରେ ନୂଆବର୍ଷ ସକାଳୁ ପରିବା ହାଟରେ ପରିବା ଦର ମୂଲଚାଲ ଭିତରେ ମୋ ଭଳି ଲୋକଙ୍କ ନୂଆଦିନ ଆରମ୍ଭ ହୁଏ। କେବେ ପୂରା ହୋଇ ନ ଥିବା ପୁରୁଣା ବର୍ଷର ସ୍ୱପ୍ନ ସବୁ ନୂଆବର୍ଷର ନୂତନ ସ୍ୱପ୍ନ ସହ ଅଳ୍ପଦିନ ଭିତରେ ଧୂଆଁ ହୋଇ ଉଡିଯାଏ।

ଆମର ଏହି ଭଙ୍ଗାଗଢ଼ା ସ୍ୱପ୍ନର ପୂରା ଫାଇଦା ନିଅନ୍ତି ନୂଆବର୍ଷରେ ବାର୍ଷିକ ରାଶିଫଳ ବତାଉଥିବା ଜ୍ୟୋତିଷମାନେ। ଟିଭି, ଖବରକାଗଜ, କ୍ୟାଲେଣ୍ଡର, ଡାଏରୀ ଇତ୍ୟାଦି ସବୁଜାଗାରେ ରାଶିଫଳ ଛାଇ ହୋଇଯାଏ। ଆମ ଭିତରେ ଅସୁରକ୍ଷିତ ଭାବ ଯେତେ ବୃଦ୍ଧି ପାଉଛି ଜ୍ୟୋତିଷମାନଙ୍କ ଆବିର୍ଭାବ ସେତେ ପରିମାଣରେ ବୃଦ୍ଧି ପାଉଛି। ଅବଶ୍ୟ ଏହାର ଏକ ସକାରାତ୍ମକ ଦିଗ ମଧ୍ୟ ରହିଛି। ପ୍ରତି ମୁହୂର୍ତ୍ତରେ ଅନିଶ୍ଚିତତା ଭିତରେ ଜିଉଁଥିବା ମଣିଷ ରାଶିଫଳରେ ପୋତାଧନ ମିଳିବା ଯୋଗ ଅଛି ପଢି ଆଶାବାଦୀ ହୋଇଯାଏ। କୋର୍ଟ କିମ୍ବା ମେଡିକାଲ ପରିସର ଫୁଟ୍‌ପାଥରେ ଜରି ପାରି ବସିଥିବା ଜ୍ୟୋତିଷମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ଆଉ ଅଳ୍ପଦିନ ବଞ୍ଚିବ କହିଥିବା ରୋଗୀଙ୍କୁ ଏହି ଜ୍ୟୋତିଷ ଯେତେବେଳେ ତୁମ ଆୟୁଷ ଶହେ ବର୍ଷ କୁହେ ସେତେବେଳେ ରୋଗୀର ମନ ଭିତରେ ନିଜ ଜୀବନକୁ ନେଇ ଏକ ଅଭୂତପୂର୍ବ ସକାରାତ୍ମକ ଭାବନାଟିଏ ସୃଷ୍ଟି ହୁଏ। ଅଲୌକିକ ଭାବେ ଏଇ ଭାବନା ତାକୁ ରୋଗ ଭଲ ହେବାରେ ସାହାଯ୍ୟ କରେ। ସେ ଯେ ଶହେ ବର୍ଷ ବଞ୍ଚିବ ଏଇ ଆତ୍ମବିଶ୍ୱାସ ଯୋଗୁ ଦଶ ଦିନ ବଞ୍ଚିବା ରୋଗୀ ଦଶ ବର୍ଷ ବଞ୍ଚିଯାଏ । ସେମିତି ସବୁଆଡୁ ନିରାଶ ହୋଇଯାଇଥିବା ଲୋକ ଯେତେବେଳେ ଜାଣେ ତା' ରାଶି ଅନୁସାରେ ଏ କେସ୍ ସେ ହିଁ ଜିତିବ ତା' ମନ ଖୁସି ହୋଇଯାଏ। ବିଳମ୍ବିତ ନ୍ୟାୟ ବ୍ୟବସ୍ଥାରେ ବୀତସ୍ପୃହ ହୋଇଯାଇଥିବା ଲୋକ ପୁଣିଥରେ ନୂତନ ଆଶା ନେଇ ଲଢେଇ କରେ । ମାନସିକଭାବେ ଭାଙ୍ଗିପଡିଥିବା ଲୋକ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ କରିବାରେ ଏହି ସାଧାରଣ ଜ୍ୟୋତିଷମାନଙ୍କ ଅବଦାନ ଘଣ୍ଟା ଘଣ୍ଟା ଧରି ଜୀବନ ଦର୍ଶନ ଉପରେ ପ୍ରବଚନ ଦେଉଥିବା କୌଣସି ବାବାଙ୍କଠାରୁ ଖୁବ୍ ଊର୍ଦ୍ଧ୍ୱରେ ।

ଫୋନ୍‌ରେ ଆସୁଥିବା କୌଣସି ଠକଙ୍କ ଲିଙ୍କ୍ ଖୋଲିଦେଲେ ଯେପରି ସୁଦୂର ଆଫ୍ରିକାରେ ବସିଥିବା ସାଇବର ଠକ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି କରିଦେଉଛି ସେହିଭଳି ଏବେ ଡିଜିଟାଲ ଯୁଗରେ ହଜାର ମାଇଲ ଦୂରରୁ ଆପଣଙ୍କ ଗ୍ରହରିଷ୍ଟ କାଟିବା ପାଇଁ ନୂତନଭାବେ ଉଦ୍ଭାବିତ ଶସ୍ତା ସୁନ୍ଦର ତଥା ଅଭିନବ ଉପାୟର ବିଜ୍ଞାପନ ବଜାରରେ ମାଳ ମାଳ । ଧରିନିଅନ୍ତୁ ଆପଣଙ୍କ ରାଶିରେ ଆସନ୍ତା ବର୍ଷରେ ଶନିଦଶା ଅଛି । ଆପଣ ମହାରାଷ୍ଟ୍ରର ସିଗ୍ନାପୁରରେ ଥିବା ଶନିଦେବଙ୍କ ହେଡ୍‌କ୍ୱାର୍ଟରକୁ ଅନ୍‌ଲାଇନରେ ଟଙ୍କା ପଠେଇଦିଅନ୍ତୁ। ସେଠାରେ ଆପଣଙ୍କ ପାଇଁ ମନ୍ତ୍ର ପଢ଼ାହେଲା ମାତ୍ରେ ଏପଟେ ସୁଦୂର ଭୁବନେଶ୍ୱରରେ ଆପଣଙ୍କ ରିଷ୍ଟ ଆପେ କଟିଯିବ। ନା ମନ୍ଦିରକୁ ଯିବା ଝିନ୍‌ଝଟ ନା ବିଧି ପାଳିବାରେ ସମସ୍ୟା । ଗଲା ୩୧ତାରିଖ ରାତିରେ ଟିଭିରେ ଜଣେ ବାବା ପ୍ରତ୍ୟେକ ରାଶି ଅନୁଯାୟୀ ୨୦୨୫ପାଇଁ ଭବିଷ୍ୟବାଣୀ କରୁଥାନ୍ତି । ତା' ସହ ସେଥିରୁ ଲାଭ ପାଇବା ପାଇଁ ସୂକ୍ଷ୍ମ ଓ ସରଳ ଉପାୟ ବତାଉଥାନ୍ତି। ସେ କହିଲେ ଯାହା ରାଶିରେ ଶନିଦଶା ଅଛି ସେମାନେ ପଞ୍ଚମୁଖୀ ହନୁମାନଙ୍କ ପାଖରେ ମାନସିକ ନଡ଼ିଆ ବସାନ୍ତୁ । ଏସବୁ ଦେଖି ଶନିଦେବ ଏବେ ବି ଚିନ୍ତାରେ । ତାଙ୍କର ଆଉ ସେମିତି କିଛି ଆବଶ୍ୟକତା ଥିଲା ଭଳି ଲାଗୁନି । ଧରାପୃଷ୍ଠରେ ଯେତେ ପାପୀ ଥିଲେ ସମସ୍ତେ ପଞ୍ଚମୁଖୀଙ୍କ ପାଖରେ ନଡ଼ିଆ ଥୋଇ ଖୁସିରେ ବୁଲୁଛନ୍ତି । ପ୍ରବଳ ପ୍ରତାପୀ ଶନିଦେବ ଏବେ ସାମାନ୍ୟ ନଡ଼ିଆ ପାଖରେ ହାର ମାନିଯାଇଛନ୍ତି । ଯେଉଁଠି ପାପ କରିବାଠାରୁ ପାପମୋଚନ ଉପାୟ ସହଜ ସେଠି ପାପୀମାନଙ୍କ ସଂଖ୍ୟା ବଢିବା ସ୍ୱାଭାବିକ । ବିଜ୍ଞାନର ଆକାଶଛୁଆଁ ଅଗ୍ରଗତି କୌଣସି ଗ୍ରହର କକ୍ଷପଥକୁ ଏଯାଏ ବଦଳେଇ ପାରି ନ ଥିଲା ବେଳେ ଭକ୍ତଙ୍କ ଆଡୁକୁ ଆସୁଥିବା ଶନିଗ୍ରହର କକ୍ଷପଥକୁ ସାମାନ୍ୟ ନଡ଼ିଆ ବଦଳେଇପାରୁଛି । ସେ ଯାହାହେଉ କଥାରେ ଅଛି ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର। ବିଶ୍ୱାସ ଯାହାର ଯେମିତି । ବିଜ୍ଞାନ ସତ୍ୟ ଦେଖାଉଥିବା ବେଳେ ଜ୍ୟୋତିଷ ଆମକୁ ଭବିଷ୍ୟତ ପାଇଁ ଆଶାବାଦୀ କରିବା ସହ ସ୍ୱପ୍ନକୁ ସାକାର କରିବାକୁ ହାତପାହାନ୍ତାରେ ମିଳୁଥିବା ସହଜ ଉପାୟ ବତେଇଦିଅନ୍ତି। ସ୍ୱପ୍ନ ଦେଖି ବଞ୍ଚି ଯାଉଥିବା ଲୋକକୁ ଆଉ ଅଧିକ କ'ଣ ବା ଦରକାର। ଜଣେ ଅସହାୟ ସାଧାରଣ ମଣିଷ ପାଇଁ ସ୍ୱପ୍ନ ଦେଖିବା ହିଁ ଏକମାତ୍ର ସୁଖଦ ଆଶ୍ୱାସନା ।

ପ୍ରତି ବିଶେଷ ଦିନମାନଙ୍କରେ ପରସ୍ପରକୁ ଶୁଭେଚ୍ଛା ବାର୍ତ୍ତା ଜଣାଇବାରେ ଆମ ଦେଶ ବିଶ୍ୱ ରେକର୍ଡ କରିଛି । ଗଣମାଧ୍ୟମର ଲୋକପ୍ରିୟତା ପରେ ଅନ୍ୟର ସମୃଦ୍ଧି ପାଇଁ ଶୁଭ ମନାସିବାରେ ଯେଉଁ ବୈପ୍ଳବିକ ବୃଦ୍ଧି ଘଟିଛି ତା' ସହ ତାଳ ଦେଇ ଦେଶର ଗରିବମାନଙ୍କ ସଂଖ୍ୟା ମଧ୍ୟ ଅନୁରୂପଭାବେ ବୃଦ୍ଧି ପାଇଛି । ଦେଶର ଶହେ ଚାଳିଶ କୋଟି ଲୋକଙ୍କ ଭିତରୁ ଏବେ ସରକାରୀ ମାନ୍ୟତାପ୍ରାପ୍ତ ଗରିବମାନଙ୍କ ସଂଖ୍ୟା ଅଶୀ କୋଟିରେ ଆସି ପହଞ୍ଚିଲାଣି। ତଥାପି ସକାଳ ହେଲେ ଆମେ ଅନ୍ୟକୁ ଲକ୍ଷ୍ମୀଙ୍କ ଫଟୋ ଦେଇ ଶୁଭକାମନା ଜଣେଇବାରେ କେବେ ହେଳା କରୁନୁ। କଳିଯୁଗର ବିଶେଷତା ହେଲା ଏଠି ପ୍ରତ୍ୟେକ କ୍ରିୟାର ବିପରୀତ ପ୍ରତିକ୍ରିୟା ଦେଖିବାକୁ ମିଳେ। 'ମୋହ ମାୟା ଲୋଭ ମୋର କିଛି ନ ରହୁରେ କାଳିଆ' ଲେଖିଥିବା କବିଙ୍କର ସାତଟି ସନ୍ତାନ। 'ଧନ ମାଗୁନାହିଁ ଜନ ମାଗୁନାହିଁ ମାଗୁଛି ଶରଧା ବାଲିରୁ ହାତେ' ଗାଉଥିବା ଲୋକଙ୍କୁ ପ୍ରଭୁ ଲକ୍ଷପତି କରିଦେଲେଣି । ନିତି ସକାଳୁ ମନ୍ଦିର ଯାଇ କୋଟିପତି ହେବାର ଆଶିଷ ମାଗୁଥିବା ଭକ୍ତର ଘର ଋଣ ଶୁଝି ନ ପାରି ନିଲାମ ହେଲାଣି। ତେଣୁ ଆଗକୁ କାହାର ଶୁଭମନାସିବା ପୂର୍ବରୁ ଥରେ ଚିନ୍ତା କରିବେ ଆପଣ ଅଲକ୍ଷ୍ୟରେ କେଉଁ ରାଜେନ୍ଦ୍ରାସନକୁ ଫକୀର କରୁନାହାନ୍ତି ତ ।

*– ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ସମୀକ୍ଷାୟନ

### ପ୍ରତିବେଶୀ


**ଅକ୍ଟୋବର-ଡିସେମ୍ବର ସଂଖ୍ୟା, ଉତ୍କଳ ଶିକ୍ଷା ସଂସଦ**
**୩୮ଜେ/୨୨, ମହାରାଜା ଠାକୁର ରୋଡ, ଧାକୁରିଆ, କଲକାତା-୩୧, ମୂଲ୍ୟ-୨୦୦ଟଙ୍କା**




ପୀତାମ୍ବର ବାରିକଙ୍କ ସମ୍ପାଦନାରେ ପ୍ରତିବେଶୀର ଅକ୍ଟୋବର-ଡିସେମ୍ବର ସଂଖ୍ୟା ପ୍ରକାଶ ପାଇଛି। ଏଥିରେ ଓଡ଼ିଆ ଅସ୍ମିତାକୁ ନେଇ ରହିଛି ଚମତ୍କାର ସମ୍ପାଦକୀୟ। ପ୍ରବନ୍ଧ, ଗଳ୍ପ, କବିତା, ପ୍ରତିବେଶୀ ସାହିତ୍ୟ, ଫିଚର୍, ଶ୍ରଦ୍ଧାଞ୍ଜଳି, ସୃଜନ ଆଳାପ, ରମ୍ୟରଚନା, ଅନୁବାଦ ଗଳ୍ପ ଓ କବିତା, ବ୍ୟଙ୍ଗ ଆଦି ବିଭିନ୍ନ ବିଭାଗକୁ ନେଇ ପତ୍ରିକାଟି ସମୃଦ୍ଧ। ଯେଉଁଥିରେ ନିଖିଳାନନ୍ଦ ପାଣିଗ୍ରାହୀ, ପ୍ରଫେସର ଉଦୟନାଥ ସାହୁ, ଶକୁନ୍ତଳା ବଳିଆରସିଂ, ରାମଚନ୍ଦ୍ର ବେହେରା, ନାରୁ ମହାନ୍ତି, ମନୋଜ କୁମାର ମହାପାତ୍ର, ଅରବିନ୍ଦ ରାୟ, ଶ୍ରୀପ୍ରସାଦ ମହାନ୍ତି, ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ଆଦିକନ୍ଦ ସାହୁ, ଗୁରୁକଲ୍ୟାଣ ମହାପାତ୍ର, କଇଳାଶ ପଟ୍ଟନାୟକ, ବଂଶୀଧର ଷଡଙ୍ଗୀ, ନୀଳାଦ୍ରୀଭୂଷଣ ହରିଚନ୍ଦନ, ଅମରେନ୍ଦ୍ର ଖଟୁଆ, ହୃଷୀକେଶ ମଲ୍ଲିକ, ରବିନାରାୟଣ ସେନାପତି, ଓଁ ଅଭିଜ୍ଞାନ ସାହୁ ଆଦି ବହୁ ବିଶିଷ୍ଟ ଲେଖକଙ୍କ ଲେଖା ସ୍ଥାନ ପାଇଛି।

### ମୂର୍ଚ୍ଛନା

**ଗୋଦାବରୀ ସାହିତ୍ୟ ସଂସଦ, ଭୁବନେଶ୍ୱର, ମୂଲ୍ୟ-ନିଃଶୁଳ୍କ**




ଗୋଦାବରୀ ସାହିତ୍ୟ ସଂସଦ ମୁଖପତ୍ର 'ମୂର୍ଚ୍ଛନା' ସମ୍ପାଦକ ବୈକୁଣ୍ଠନାଥ ପତି ଓ ଡ଼ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ସମ୍ପାଦନାରେ ପ୍ରକାଶ ପାଇଛି। ଏଥିରେ ପ୍ରବନ୍ଧ, ଭ୍ରମଣ କାହାଣୀ, ଗଳ୍ପ, ଅନୁବାଦ ଗଳ୍ପ ଏବଂ କବିତା ଆଦି ସ୍ଥାନ ପାଇଛି । ଯେଉଁଥିରେ ଶରତ ଚନ୍ଦ୍ର ପରିଡା, ଗୌର ଚନ୍ଦ୍ର ମହାପାତ୍ର, ଶଶିପ୍ରଭା ଦାସ, ଦେବେନ୍ଦ୍ର ନାଥ ଦାସ, ଗୋପାଳ ଚନ୍ଦ୍ର ମିଶ୍ର, ସୁଷମା ଲେଙ୍କା, ରାଧାମୋହନ ମହାପାତ୍ର, ରାମଚନ୍ଦ୍ର ମହାନ୍ତି, ତାପସ କୁମାର ସାମନ୍ତରାୟ, ରଶ୍ମି ସାମଲ, ବୀଣା ମିଶ୍ର, ବିଶ୍ୱରଞ୍ଜନ ମହାନ୍ତି, ବିଦେଶୀ ଭଞ୍ଜ, ଗିରିଜା ମଞ୍ଜରୀ ପାଢୀ, ବୈକୁଣ୍ଠ ନାଥ ପତି, ଖଗେଶ୍ୱର ମହତାବ, ପ୍ରୀତି ପ୍ରତିଭା ଭୋଳ, ବିନୋଦିନୀ ପାତ୍ର, ପ୍ରତିମାରାଣୀ ଷଡଙ୍ଗୀ, ସସ୍ମିତା ଷଡଙ୍ଗୀ ଓ ମନୋଜ କୁମାର ଜେନା ଆଦି ବହୁ ସାହିତ୍ୟିକଙ୍କର ଲେଖାକୁ ନେଇ ପତ୍ରିକାଟି ସମୃଦ୍ଧ। ଯାହା ନିଶ୍ଚିତ ଭାବରେ ପାଠକାଦୃତି ପାଇବାର ଆଶା କରାଯାଏ।

# ଟାଟୁ ପାଇଁ ମିଳୁନି ଚାକିରି



ଆଜିକାଲି ଟାଟୁ କରିବା ଏକ ଫ୍ୟାଶନ। ଶରୀରର ବିଭିନ୍ନ ଅଙ୍ଗରେ ଟାଟୁ କରି ସମସ୍ତେ ନିଜକୁ ଫ୍ୟାଶନେବଲ ବୋଲାଉଛନ୍ତି। ତେବେ ଜଣେ ବ୍ୟକ୍ତି କିନ୍ତୁ ଏହି ଟାଟୁ ପାଇଁ ସମସ୍ୟାରେ ପଡ଼ିଯାଇଛନ୍ତି। ଚାଇନାର ମିଷ୍ଟର ଏ. ନାମକ ଏହି ବ୍ୟକ୍ତିଜଣକ ଶରୀରରେ ତ ଟାଟୁ କରିଛନ୍ତି, ତା'ସହ ଚେହେରାରେ ବି ଟାଟୁ କରାଇଛନ୍ତି, ସେପୁଣି ଖପୁରି ଭଳି ଟାଟୁ। ଫଳରେ ତାଙ୍କୁ କୌଣସି ସଂସ୍ଥାରେ ଚାକିରି ମିଳୁ ନାହିଁ। ଛଅ ବର୍ଷ ପୂର୍ବେ ସେ ଶରୀରରେ ଟାଟୁ କରାଇବା ଆରମ୍ଭ କରିଥିଲେ। ପ୍ରଥମେ ସେ ଆଖି ଚାରିପଟକୁ କଳା କରାଇବା ସହ ନାକ ଉପରେ ବି କଳା ଟାଟୁ କରାଇଲେ। ପରେ ପାଟି ଉପରେ ଦାନ୍ତର ଟାଟୁ କଲେ। ଆଉ ନିଜର ଲଣ୍ଡା ମୁଣ୍ଡରେ ଖପୁରିର ଟାଟୁ ବି କଲେ। ନିଜ ଚେହେରାର ଏଭଳି ପରିବର୍ତ୍ତନକୁ ନେଇ ସେ ବେଶ୍ ଖୁସି ଥିଲେ। ହେଲେ ଖୁବ୍‌ଶୀଘ୍ର ଏହି ଖୁସି ମଉଳି ଗଲା। କାରଣ ବାସ୍ତବିକ ଜୀବନରେ ଏହା ଗଭୀର ପ୍ରଭାବ ପକାଇଲା। ଲୋକେ ଚିଡାଇବା ସହ କେଉଁଠି ବି ଚାକିରି ମିଳିଲା ନାହିଁ। ସେ ଏହି ଟାଟୁଗୁଡ଼ିକୁ ପରେ ରିମୁଭ୍ କରିବାକୁ ବି ଚାହିଁଲେ। ହେଲେ ଲେଜର୍ ମାଧ୍ୟମରେ ଆଖି ଚାରିପଟର ଟାଟୁ ରିମୁଭ୍ କରିବା ସମ୍ଭବପର ନ ଥିଲା। ତେବେ ବି ସେ ଚେଷ୍ଟା କଲେ ହେଲେ ତାହା ଏତେ କଷ୍ଟଦାୟକ ଥିଲା ଯେ, ତାଙ୍କର ହୃଦ୍ ସମସ୍ୟା ଆରମ୍ଭ ହୋଇଗଲା। ତେଣୁ ସେ ଏବେ ଟାଟୁ ରିମୁଭ କରିବା ବନ୍ଦ କରିଦେଇଛନ୍ତି। ହେଲେ ପୁଣିଥରେ ଚେଷ୍ଟା କରିବେ ବୋଲି କହିଛନ୍ତି।






# ଦାନ୍ତ ଘଷିବେ କି ଏହି ବ୍ରଶ୍‌ରେ

ସକାଳୁ ସକାଳୁ ସମସ୍ତେ ଟୁଥ୍‌ବ୍ରଶ୍‌ରେ ଦାନ୍ତ ଘଷନ୍ତି। ହେଲେ ଏମିତି ଏକ ଟୁଥ୍‌ବ୍ରଶ ଅଛି ଯାହାକୁ ପାଟି ଭିତରେ ପୂରାଇବା ତ ଦୂର କଥା ହାତରେ ଟେକି ଧରିବା ବି କଷ୍ଟକର। ରୁଥ ଆମୋସ୍ ଓ ଶନ୍ ବ୍ରାଉନ୍ ତିଆରି କରିଥିବା ଏହି ବ୍ରଶ୍ ମଣିଷଠାରୁ ବି ଉଚ୍ଚା। ୬.୭ ଫୁଟ୍ ହେଉଛି ଏହାର ଲମ୍ବା। ୧୧ ବର୍ଷୀୟ ଜଣେ ଫ୍ୟାନ୍‌ଙ୍କ ଅନୁରୋଧ କ୍ରମେ ରୁଥ ଓ ଶନ୍ ଉକ୍ତ ଟୁଥ୍‌ବ୍ରଶ୍‌କୁ ତିଆରି କରିଥିଲେ। ସାଧାରଣ ଟୁଥ୍‌ବ୍ରଶ୍‌ଠୁ ଏହି ବ୍ରଶ୍ ୧୦ ଗୁଣା ବଡ଼। ଏହା ଏକ ଇଲେକ୍ଟ୍ରିକ୍ ବ୍ରଶ୍। ମେଟାଲ ସିଟ୍ସ ଓ ଗ୍ରାଇଣ୍ଡର ବ୍ୟବହାର କରି ଏହାକୁ ତିଆରି କରାଯାଇଛି। ଗ୍ରାଇଣ୍ଡରଟି ବ୍ରଶ୍‌ର ହେଡ୍ ଲାଗି ବ୍ୟବହାର ହୋଇଛି। ଉକ୍ତ ବ୍ରଶ୍‌କୁ ତ ଦାନ୍ତ ଘଷିବା ପାଇଁ ବ୍ୟବହାର କରି ହେବନି। ହେଲେ ଏହାପାଇଁ ଦୁହେଁ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲେ। କାରଣ ତାଙ୍କର ଏହି ବିରାଟକାୟ ଟୁଥ୍‌ବ୍ରଶ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସବୁଠୁ ବଡ଼ ଟୁଥ୍‌ବ୍ରଶ୍‌ର ମାନ୍ୟତା ପାଇଲା।

# ଏତେ ଲମ୍ବା ବାଇକ୍

ସାଧାରଣତଃ ବାଇକ୍‌ରେ ଦୁଇଜଣ ବସନ୍ତି। ହେଲେ ଏମିତି ବି ଏକ ବାଇକ୍ ଅଛି, ଯେଉଁଥିରେ ପୂରା ପରିବାର ସହ ସାହିପଡ଼ିଶାର ଲୋକ ବସିଲେ ବି ଜାଗା ହେବ। କାରଣ ଏ ହେଉଛି ପୃଥିବୀର ସବୁଠାରୁ ଲମ୍ବା ବାଇକ୍। ଏହାର ଲମ୍ବ କେତେ ଜାଣନ୍ତି ? ୮୬ ଫୁଟ୍। ଭାବୁଥିବେ ଏତେ ଲମ୍ବା ବାଇକ୍ ଆଦୌ କାର୍ଯ୍ୟକ୍ଷମ ହୋଇ ନ ଥିବ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ବାଇକ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ। ଏହି ବାଇକ୍‌କୁ ତିଆରି କରିଛନ୍ତି ଗୁଜରାଟର ଜାମନଗର ବାସିନ୍ଦା ଭରତ ସିଂ ପରମାର। ଉକ୍ତ ବାଇକ୍‌ଟି ପୂର୍ବ ରେକର୍ଡଠାରୁ ୧୩ ଫୁଟ୍ ଲମ୍ବା। ଭରତ ୨୦୧୪ରେ ଜାନୁଆରୀ ୨୨ ତାରିଖରେ ଉକ୍ତ ବାଇକ୍‌କୁ ରେକର୍ଡ ପାଇଁ ପ୍ରଦର୍ଶିତ କରିଥିଲେ। ସେଦିନ ସେ ଭୂମିରେ ପାଦ ନ ଲଗାଇ ଏହି ବାଇକ୍‌କୁ ୧୦୦ ମିଟର ପର୍ଯ୍ୟନ୍ତ ଚଲାଇଥିଲେ। ଏହାର ଆକାର ଦେଖି ଲୋକେ ଚକିତ ହେବାସହ ଏଭଳି ଅଜବ ବାଇକ୍ ଯେ, କାର୍ଯ୍ୟକ୍ଷମ ତାହା ଜାଣି ତାଜୁବ ହୋଇଯାଇଥିଲେ।

